# ଶ୍ରୀକ୍ଷେତ୍ରରୁ ମାଧବାନନ୍ଦଜୀଉଙ୍କ ପୀଠକୁ ଆସିଲା ଫଳ ଭାର



ଚାରିଛକ,୨୯।୧(ସମିସ)

ଚାରିଛକ ନିକଟ ମାଧବସ୍ଥିତ ମାଧବାନନ୍ଦଜୀଉଙ୍କ ପୀଠରେ ଗୁରୁବାର ପବିତ୍ର ଭୌମ୍ୟ ଏକାଦଶୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ଶ୍ରୀକ୍ଷେତ୍ରରୁ ସେବାୟତ ଓ ଶ୍ରଦ୍ଧାଳୁମାନେ ଫୁଲଭାର ଧରି ଆସିଛନ୍ତି ମାମୁଘର ନିଆଳୀର ମାଧବାନନ୍ଦଜୀଉଙ୍କ ପୀଠକୁ। ଏହି ଭାର ସହିତ ପୁରୀରୁ ଆସିଛନ୍ତି ମହାପ୍ରଭୁଙ୍କ ବରିଷ୍ଠ ସେବାୟତ ବିନାୟକ ଦାଶ ମହାପାତ୍ର, ମାଧବାନନ୍ଦଜୀଉ ମନ୍ଦିର ଟ୍ରଷ୍ଟର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର, ଉପସଭାପତି ମିନାକ୍ଷୀ ପୃଷ୍ଟି, ସମ୍ପାଦକ ସତ୍ୟନାରାୟଣ ସେନାପତି, ଗୋପ ମାଧବାନନ୍ଦ ବିକାଶ ପରିଷଦ ସମିତି ସଭାପତି ବନ ରଞ୍ଜନ ପଟ୍ଟନାୟକ, ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ବରିଷ୍ଠ ପ୍ରବଚକ ବିମ୍ବାଧର ସେନାପତି, ଶିକ୍ଷାବିତ୍ ଦମୟନ୍ତୀ କୁମାରୀ ସେନାପତି, ସେବାୟତ ପ୍ରଦୀପ୍ତ ମହାପାତ୍ର, ମାଧବାନନ୍ଦଜୀଉ ମନ୍ଦିର ହେଡ୍‌ଟାରୀ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀ ପ୍ରମୁଖ। ଚାରିଛକଠାରେ ପହଞ୍ଚିବା ପରେ ନିଆଳୀ ବ୍ଲକ୍ ଯାଦବ ସଂଘର ସଭାପତି ତଥା ସମିତିସଭ୍ୟ କେଦାରନାଥ ବେହେରା ତାଙ୍କ ବାସଗୃହ ନିକଟରେ ଭାରକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପରେ ଏକାନ୍ତ ଆଶ୍ରମଠାରେ ମଠାଧିଶ ନନ୍ଦ ବାବା ସ୍ୱାଗତ କରିଥିଲେ। ଏକାନ୍ତ ଆଶ୍ରମ ନିକଟରୁ ମାଧବ ସେବାୟତ ତ୍ରିଲୋଚନ ପୁଷ୍ପାଳକ, ଭାସ୍କର ପୁଷ୍ପାଳକ, ନିଆଳୀ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, ସମାଜସେବୀ ଦେବେନ୍ଦ୍ର ଦାଶ, ଯୋଗେନ୍ଦ୍ର ଦାସ, ବସନ୍ତ ଦାସ, ସୁକାନ୍ତ ସାହୁ, ଅରକ୍ଷୀତ ଭୋଇ, ଶିଶିର ନାୟକ ପ୍ରମୁଖ ଭାର ନେଇ ଆସିଥିବା ସେବାୟତ ଓ ଶ୍ରଦ୍ଧାଳୁମାନଙ୍କ ସହିତ ସାମିଲ୍ ହୋଇଥିଲେ। ଭାର ଯାତ୍ରା ମାଧବ ମନ୍ଦିର ନିକଟରେ ପହଞ୍ଚିବା ପରେ ମାଧବାନନ୍ଦଜୀଉଙ୍କ ଉଦ୍ଦେଶ୍ୟରେ ଆସିଥିବା ଭାରସବୁକୁ ମାଧବାନନ୍ଦ ମନ୍ଦିର ଟ୍ରଷ୍ଟକୁ ପ୍ରଦାନ କରାଯାଇଥିଲା। ମାଧବଠାରେ କଟକ ଉପଜିଲ୍ଲପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ନିଆଳୀ ତହସିଲ୍‌ଦାର ତାରେଣୀ ରଞ୍ଜନ ରାୟ, ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ନିଆଳୀ ଆଇଆଇସି ରାଜେନ୍ଦ୍ର ମହାପାତ୍ର, ସରପଞ୍ଚ ବାବୁରାମ ମଲ୍ଲିକ, ଜ୍ଞାନ ରଞ୍ଜନ ମହାନ୍ତି, ବିଜୟ ପରିଡ଼ା, ପିତାମ୍ବର ରାଉତ, କୈଳାଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସଜାଗ ରହିଥିଲେ।

## ନିରାଶ୍ରୟ ସେବାଶ୍ରମ ତରଫରୁ ପଣା ବଣ୍ଟନ




ନିମାପଡ଼ା: ମାଧବସ୍ଥିତ ମାଧବାନନ୍ଦଜୀଉଙ୍କ ଭୌମ୍ୟ ଏକାଦଶୀ ଅବସରରେ ସ୍ଥାନୀୟ ନିରାଶ୍ରୟ ସେବାଶ୍ରମ ତରଫରୁ ଦହି ପଣା ବଣ୍ଟନ କରାଯାଇଛି। ଗୁରୁବାର ଭୌମ୍ୟ ଏକଦଶୀ ଅବସରରେ ଯାତ୍ରା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ମାଧବ ମନ୍ଦିର ନିକଟରେ ନିରାଶ୍ରୟ ସେବାଶ୍ରମ ତରଫରୁ ଏହି ଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ଓ ଦହି ପଣା ବଣ୍ଟନ କରାଯାଇଛି। ନିରାଶ୍ରୟ ସେବାଶ୍ରମ ସଭାପତି ମାନସ କୁମାର ପାଢ଼ୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ତ୍ରିନାଥ ବେହେରା, ସରୋଜିନୀ ନାଥ, ବୈରାଗୀ ସାହୁ, ନିର୍ମଳ ମହାପାତ୍ର, ପ୍ରମୋଦ ସାହୁ, ନାରାୟଣ ପ୍ରସାଦଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

● ଜମିଜମା ଚିନ୍ତାରେ ଅଣ୍ଡିଆ ମୌଜା ବାସିନ୍ଦା

## ଘରଦ୍ୱାର କରିଛନ୍ତି; ସ୍ଥାୟୀ ପଟ୍ଟା ମିଳୁନି

**ଭିଟାମାଟି ବଞ୍ଚାଅ କମିଟି ଗଠିତ**

ନିମାପଡ଼ା,୨୯।୧(ସମିସ): ନିମାପଡ଼ାରେ ଅଣ୍ଡିଆ ଓ ପାଟପୁର ମୌଜାରେ ଜମିଜମା ସମସ୍ୟାକୁ ନେଇ ଲୋକମାନଙ୍କର ଚିନ୍ତା ବଢ଼ି ଚାଲିଛି। ଜମି କିଣି ଘରଦ୍ୱାର କରି ଦୀର୍ଘ ବର୍ଷ ହେବ ବସବାସ କରି ଆସୁଥିଲେ ମଧ୍ୟ ସେମାନଙ୍କ ପାଖରେ ସ୍ଥାୟୀ ପଟ୍ଟା ନ ଥିବାରୁ ନାନାଦି ହୀନସ୍ତା ହେବାକୁ ପଡୁଛି। ଗତ କିଛି ବର୍ଷ ହେବ ଅଣ୍ଡିଆ ମୌଜାରେ ଚକବନ୍ଦୀ କାର୍ଯ୍ୟ ଚାଲିବା ସହିତ ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ପଟ୍ଟା ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି। ହେଲେ ତନ୍ମଧ୍ୟରୁ ୪୦, ୬୭, ୭୬, ୫୦୬, ୫୦୭, ୫୦୮ ଓ ୫୩୬ ଖାତା ବିଶିଷ୍ଟ ପ୍ଲଟ୍‌ରେ ବସବାସ କରୁଥିବା ଲୋକମାନଙ୍କୁ ପଟ୍ଟା ମିଳିବ ନାହିଁ। ଏମାନଙ୍କର ସମସ୍ୟା ପୂର୍ବ ଭଳି ସମସ୍ୟାଘେରରେ ରହିଯିବ। ସରକାର ଉକ୍ତ ଖାତାଗୁଡ଼ିକର କେସ୍ ଫଇସଲା କରି ସେମାନଙ୍କୁ ପଟ୍ଟା ପ୍ରଦାନ କରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଯାହାଫଳରେ ହଜାର ହଜାର ଲୋକ ପଟ୍ଟା ପାଇବାରୁ ବଞ୍ଚିତ ହେବେ। ଏହା ବିରୋଧରେ ଉକ୍ତ ଖାତାଗୁଡ଼ିକରେ ବସବାସ କରୁଥିବା ଲୋକମାନେ ଏକତ୍ରିତ ହୋଇ ଗଠନ କରିଛନ୍ତି ଭିଟାମାଟି ବଞ୍ଚାଅ କମିଟି। ପ୍ରାୟ ୨୦୦ ଲୋକ ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିରଠାରେ ଏକତ୍ରିତ ହୋଇ ସଭାପତି ରବି ନାରାୟଣ ମିଶ୍ର, ସମ୍ପାଦକ ଲିଙ୍ଗରାଜ ଖଟୋଇଙ୍କ ନେତୃତ୍ୱରେ ଏକ ବୈଠକ କରିଥିଲେ। ଉକ୍ତ ଖାତାଗୁଡ଼ିକୁ ସରକାର ପଞ୍ଜିକୃତ କରି କେସ୍ ଫଇସଲା କରିବା ସହିତ ସେମାନଙ୍କୁ ପଟ୍ଟା ବଣ୍ଟନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏହି ଖାତା ଅଧୀନରେ ଅନେକଗୁଡ଼ିଏ କଲୋନୀ ଗଢ଼ି ଉଠିଛି। କଲୋନୀରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଡାକ୍ତରଖାନା ଉଦ୍‌ଘାଟନ ସମୟରେ ଲୋକମାନେ ଏକତ୍ରିତ ହୋଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଉକ୍ତ ସମସ୍ୟା ସମାଧାନ ନିମନ୍ତେ ଅନୁରୋଧ କରିଛନ୍ତି। କିନ୍ତୁ ଏଯାବତ୍ ସେମାନଙ୍କ ସମସ୍ୟା ସମାଧାନ ଲାଗି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ତେବେ ସେମାନଙ୍କ ସମସ୍ୟା ସମାଧାନ କରି ସେମାନଙ୍କୁ ପଟ୍ଟା ପ୍ରଦାନ ନିମନ୍ତେ ଭିଟାମାଟି ବଞ୍ଚାଅ କମିଟି ନିବେଦନ କରିଛି।

## ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣଙ୍କ ଶ୍ରାଦ୍ଧ ଦିବସ

ନିମାପଡ଼ା,୨୯।୧(ସମିସ): ଗୁରୁବାର ନିମାପଡ଼ା ପତିତପାବନ ସେବା ସଂଘଠାରେ ଓଡ଼ିଶାର ଯୁଗ ପୁରୁଷ ମହାନ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ସାମନ୍ତସିଂହାରଙ୍କ ୩୩ତମ ଶ୍ରାଦ୍ଧ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ସହିଦ ସ୍ମୃତି ସଂସଦର ସଭାପତି ସମୀର ରଞ୍ଜନ ଦାଶ ଯୋଗଦେଇ ପଦ୍ମଚରଣ ଥିଲେ ଓଡ଼ିଶା ସମବାୟ ଆନ୍ଦୋଳନର କର୍ମକାର।



ତାଙ୍କ ରାଜନୈତିକ ଜୀବନ ଭିତରେ ସେ ଅନେକ ସମବାୟ ସଂଗଠନ ଗଠନ କରିବା ସଙ୍ଗେ ସଙ୍ଗେ ପୁରୀ ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ଅନେକ ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଜଣେ ଦକ୍ଷ ସଂଗଠକ, ପରୋପକାରୀ ତଥା ନିଃସ୍ୱାର୍ଥପର ଜନସେବକ ଭାବେ ସେ ଓଡ଼ିଶାରେ ବେଶ୍ ଜଣାଶୁଣା ଥିଲେ ବୋଲି କହିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରି ଶିକ୍ଷାବିତ୍ ତଥା ପତିତପାବନ ସେବା ସଂଘର ସମ୍ପାଦକ ଅଧ୍ୟାପକ ଜଗତ୍ ପ୍ରସାଦ ସାବୁତ କହିଲେ, ପଦ୍ମଚରଣ ମାତ୍ର ୧୫ ବର୍ଷ ବୟସରେ ଭାରତ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ନିମାପଡ଼ାରେ ମୁକ୍ତି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅନ୍ୟତମ ଅତିଥି ଭାବେ ବସନ୍ତ କୁମାର ପାତ୍ର, ଅଶୋକ କୁମାର ସାହୁ ପ୍ରମୁଖ ପଦ୍ମଚରଣଙ୍କ ସ୍ମୃତିଚାରଣ କରିଥିଲେ। ନିମାପଡ଼ା ସହିଦ ସ୍ମୃତି ସଂସଦର ସମ୍ପାଦକ ଡ. ବେଣୁଧର ସେନାପତି ଏକ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପ୍ରେରଣ କରି ପଦ୍ମଚରଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବ ସମାଜ ଦେଶ ଗଠନରେ ସକାରାତ୍ମକ ଭୂମିକା ନିଭାଇବାକୁ ଅନୁରୋଧ କରିଥିଲେ।

## କଣାସ ଡାକ୍ତରଖାନା ଯାଞ୍ଚ୍ କଲେ କାୟାକଳ୍ପ ଟିମ୍

କଣାସ,୨୯।୧(ସମିସ): ସ୍ୱାସ୍ଥ୍ୟସେବା ସହକାରୀ ନିର୍ଦ୍ଦେଶକ ଡାକ୍ତର ମନୋରଞ୍ଜନ ହାତୀଙ୍କ ନେତୃତ୍ୱରେ ଗୁରୁବାର ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ କଣାସ ବ୍ଲକ୍‌ର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନୁଧ୍ୟାନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟର ପରାମର୍ଶ ସୌମ୍ୟାଶ୍ରୀ ମହାପାତ୍ର ଏବଂ ପିଏସ୍‌ଆଇର ପରିଚାଳିକା ରୁବି ରାଉତ ଡାକ୍ତରଖାନାର ବିଭିନ୍ନ ବିଭାଗ ବୁଲି ଅନୁଧ୍ୟାନ କରିବା ସହିତ କର୍ମଚାରୀ ଓ ରୋଗୀଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ରକ୍ଷଣାବେକ୍ଷଣ, ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା ପ୍ରୋତ୍ସାହନ, ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ପ୍ରତିରୋଧ, ରୋଗୀ ସହଯୋଗ ସେବା ଓ ଡାକ୍ତରଖାନା ପରିସର ବାହାର ସହଯୋଗ ଏବଂ ପରିବେଶ ଉପଯୋଗୀ ଡାକ୍ତରଖାନା ଆଦି ୮ଟି ବିଭାଗୀୟ ମାନଦଣ୍ଡକୁ ରାଜ୍ୟସ୍ତରୀୟ ଅନୁଧ୍ୟାନ ଟିମ୍ ଯାଞ୍ଚ୍ କରିଥିଲେ। ତାଙ୍କ ସହିତ ଜିଲ୍ଲାସ୍ତରରୁ ଜିଲ୍ଲା କ୍ୱାଲିଟି ମ୍ୟାନେଜର କସ୍ତୁରୀ ପ୍ରିୟମ୍ବଦା ଟିମ୍ ସଦସ୍ୟଙ୍କୁ ସହଯୋଗ କରିଥିଲେ।




କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ବିବେକ ଅନୁରାଗ ଟିମ୍ ସଦସ୍ୟଙ୍କୁ ବିଭିନ୍ନ ବିଭାଗ ବୁଲାଇ ଦେଖାଇଥିଲେ। ସମସ୍ତ ଡାକ୍ତର ବିପିଏମ୍ ଧନେଶ୍ୱର ସ୍ୱାଇଁ, ଆକାଉଣ୍ଟ୍ସ ମ୍ୟାନେଜର ଶିବ ପ୍ରସାଦ ଦୀକ୍ଷିତ, ଡାଟା ମ୍ୟାନେଜର କୃଷ୍ଣଚନ୍ଦ୍ର ବରାଳ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣଲତା ରଥ, ତପନ ଚୌଧୁରୀ, କଳିଙ୍ଗ କୁମାର ଉପାଧ୍ୟାୟ ଏବଂ ସମସ୍ତ ନର୍ସିଂ ଅଫିସର, ଫାର୍ମାସୀ ଅଫିସର, ଲାବ୍ ଟେକ୍ନିସିଆନ, ନିର୍ମଳ କର୍ମଚାରୀ ସେମାନଙ୍କୁ ଅନୁଧ୍ୟାନ କରିବାରେ ସହଯୋଗ କରିଥିଲେ। ଗମ୍ଭୁସିଆ ମାଛ ଉତ୍ପାଦନ, କମ୍ ଜଳ ଉପଯୋଗିତା କଣ୍ଟାଜାତୀୟ ଉଦ୍ୟାନ, ରୋଷେଇ ଉଦ୍ୟାନ, ଔଷଧୀୟ ଉଦ୍ୟାନ, ବର୍ଜ୍ୟ ଜଳ ବିଶୋଧନ ପ୍ରକ୍ରିୟା କରି ସେହି ଜଳକୁ ପୁନଃ ବଗିଚା ଇତ୍ୟାଦି କାର୍ଯ୍ୟରେ ବିନିଯୋଗ କରିବା ଇତ୍ୟାଦି ପ୍ରୟାସକୁ ଅନୁଧ୍ୟାନ ଟିମ୍ ଉଚ୍ଚ ପ୍ରଶଂସା କରିଥିଲେ। ସେହିଭଳି ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ପୁନଃ ବ୍ୟବହାର କରାଇ ପରିବେଶକୁ କର୍ମଚାରୀମାନେ ସୁନ୍ଦର କରାଇ ପାରିଛନ୍ତି। ଏହି ପ୍ରୟାସ ଦ୍ୱାରା ଡାକ୍ତରଖାନାରେ ରୋଗୀ ସଂଖ୍ୟା ବୃଦ୍ଧି ହୋଇ ଉତ୍ତମ ଓ ଗୁଣବତ୍ତା ଚିକିତ୍ସା ଉପଲବ୍ଧ ହୋଇପାରୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପ୍ରକାଶ ଥାଉକି, କଣାସ ବ୍ଲକ୍‌ର ବିଗତ ୩ ବର୍ଷ ଧରି କାୟାକଳ୍ପ ପୁରସ୍କାର ପାଇଆସୁଛି।

## ଭିକାରୀ ଚରଣ ସଂଯୁକ୍ତ ବିଦ୍ୟାନିକେତନର ବାର୍ଷିକ ଉତ୍ସବ




କଣାସ,୨୯।୧(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ ବକୁସ୍ଥିତ ଭିକାରୀ ଚରଣ ସଂଯୁକ୍ତ ବିଦ୍ୟାନିକେତନର ୬୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଭିକାରୀ ଚରଣ ମଙ୍ଗରାଜଙ୍କ ୧୧୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସମାଜସେବୀ, ସ୍ତମ୍ଭକାର କୃଷ୍ଣଚନ୍ଦ୍ର ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇଥିବା ବେଳେ ବ୍ଲକ୍ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଭିକାରୀ ଚରଣ ଜଣେ ମହାନ ପୁରୁଷ ଏହି ଅଞ୍ଚଳରେ ଶିକ୍ଷାର ପ୍ରସାର ନିମନ୍ତେ ଅନୁଷ୍ଠାନ ଗଢ଼ିବା ଯେଉଁ ସ୍ୱପ୍ନ ଦେଖିଥିଲେ ସେହି ସ୍ୱପ୍ନ ସାକାର କରି ଆଜି ଏକ ମାଇଲ୍ ଖୁଣ୍ଟ କରିଦେଇ ଯାଇଛନ୍ତି। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କମିଟିର ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ‘ବୃକ୍ଷ ହିଁ ଜୀବନ’ ଆଲୋଚନାଚକ୍ର

ସାକ୍ଷୀଗୋପାଳ,୨୯।୧(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ନୂଆ ସୋମେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ୧୯୯୮ ବ୍ୟାଚ୍ ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ‘ବୃକ୍ଷ ହିଁ ଜୀବନ’ ଆଲୋଚନାଚକ୍ର ସ୍ଥାନୀୟ ବକୁଳ ବାଟିକା ପରିସରରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅରବିନ୍ଦ ପଣ୍ଡା, ପ୍ରକାଶ ମହାପାତ୍ର, ମଦନ ମହାପାତ୍ର, ବାମଦେବ ମହାପାତ୍ର ପ୍ରମୁଖ ଏହି ସୃଷ୍ଟିରେ ଜୀବଜଗତ ତିଷ୍ଠି ରହିବା ନିମନ୍ତେ ବୃକ୍ଷର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ବୈଠକରେ ଐତିହାସିକ ବକୁଳ ବନ ପରିସରରେ ଚାରାରୋପଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଲକ୍ଷ୍ମୀଧର ସେଠୀ, ଆଶିଷ ମିଶ୍ର, ହରେକୃଷ୍ଣ ମିଶ୍ର, ଶୁଭ୍ରା ପାତ୍ର, ଅଜୟଲକ୍ଷ୍ମୀ ମହାପାତ୍ର, ରୋଜାଲିନ୍ ପଣ୍ଡା, ସୁଲୋଚନା ମହାପାତ୍ର, ରଶ୍ମିତା ପ୍ରଧାନ, ନମିତା କର, ପିତାମ୍ବରୀ ମିଶ୍ର, ବନିତା ପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ବେବିନା ପଣ୍ଡା ଓ ମିନତୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରିୟଦର୍ଶନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



● ‘ବିକଶିତ ଗାଁ, ବିକଶିତ ଓଡ଼ିଶା’

## କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଡିଓଙ୍କ ପରିଦର୍ଶନ

କଣାସ,୨୯।୧(ସମିସ): କଣାସ ବ୍ଲକ୍‌ର ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ରେ ରାଜ୍ୟ ସରକାର ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ଅର୍ଥରାଶି ବ୍ୟୟ ବରାଦ କରିଥିବାବେଳେ ଚଳିତ ଆର୍ଥିକ ବର୍ଷ ପୂର୍ବରୁ କିଭଳି ସରିବ ବ୍ଲକ୍ ପ୍ରଶାସନ ପକ୍ଷରୁ ତନାଘନା ଜାରି ରହିଛି। କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ତ୍ୱରାନ୍ୱିତ ପାଇଁ ଗୁରୁବାର ସିରେଇ ପଞ୍ଚାୟତର ଏକରୁଖା, କାଦୁଆ ପଞ୍ଚାୟତର କଉଡ଼ିଖଣି, ସାହସପୁର, ଗୋପୀନାଥପୁର ପଞ୍ଚାୟତର ଗୋପୀନାଥପୁର, କଳାପଦର, ପାଇକମରା, ଆଳିବାଡ଼ ପଞ୍ଚାୟତର ବ୍ରହ୍ମପଡ଼ା ଗ୍ରାମଗୁଡ଼ିକୁ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ତଦାରଖ କରିଥିଲେ। କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟରେ କିପରି ସରିବ ସ୍ଥାନୀୟ ପ୍ରତିନିଧି ଓ ଗ୍ରାମବାସୀଙ୍କ ସହିତ ବିଚାରବିମର୍ଶ କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାଶ୍ୱତ ସେନାପତି, ସହକାରୀ ଯନ୍ତ୍ରୀ ଜଗନ୍ନାଥ ରାଉତ, ସହକାରୀ ଯନ୍ତ୍ରୀ ଗୋପୀନାଥ ପଲାଇ ଓ କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୂଚନା ଥାଉକି, ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟ କରିବାରେ କଣାସ ବ୍ଲକ୍ ପୁରୀ ଜିଲ୍ଲାରେ ଅଗ୍ରଣୀ ରହିଛି।



## କୃଷ୍ଣପ୍ରସାଦ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



କୃଷ୍ଣପ୍ରସାଦ,୨୯।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅଧୀନ କୃଷ୍ଣପ୍ରସାଦ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଥିବା ଜଣାପଡ଼ିଛି। କୃଷ୍ଣପ୍ରସାଦ ସେବା ସମବାୟ ସମିତିର ସମ୍ପାଦକ ସଞ୍ଜୟ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଶାନ୍ତ ରାଓ ଯୋଗଦେଇ ଧାନମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଣ୍ଟାପଲା ଆଦି ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ମଣ୍ଡିରୁ ଗଞ୍ଜାମ ଜିଲ୍ଲାର କାର୍ତ୍ତ୍ୟାୟନୀ ରାଇସ୍ ମିଲ୍ ଧାନ କ୍ରୟ କରିବା ପାଇଁ ପ୍ରଶାସନ ସହ ଚୁକ୍ତି କରିଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବିଡିଓ ଅମୀୟ କୁମାର ପଣ୍ଡା, ତହସିଲ୍‌ଦାର ବିକାଶ କୁମାର ସେଠୀ, ବ୍ଲକ୍ ଆମ୍ବା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଖୋର୍ଦ୍ଧା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅକ୍ଷୟ କୁମାର ଶତ୍ରୁଶଲ୍ୟ, ଯୋଗାଣ ଅଧିକାରୀ ସଞ୍ଜୀ ଦର୍ଶନ ଦାସ, ପୂର୍ବତନ ସରପଞ୍ଚ ମିଟୁ ସିଂହସାମନ୍ତ, ସେବା ସମବାୟ ସମିତିର ସଭାପତି ବାବୁଲା ବିଶ୍ୱାଳ, ସେବା ସମବାୟ ସମିତିର ସଭ୍ୟ ସୁରଥ ବେହେରା, ନାଲୁ ପାହାଣ, ଦେବେନ୍ଦ୍ର ନାଥ ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ ଓ ସ୍ଥାନୀୟ ଅଞ୍ଚଳର ଏକାଧିକ ଚାଷୀ ଉପସ୍ଥିତ ଥିଲେ।

## ସାକ୍ଷୀଗୋପାଳଙ୍କ ଗଜ ଉଦ୍ଧାରଣ ବେଶ

ସାକ୍ଷୀଗୋପାଳ,୨୯।୧(ସମିସ): ଗୁରୁବାର ପବିତ୍ର ମାଘ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି। ମାଘ ମାସ ବଡ଼ ଏକାଦଶୀ ତିଥିରେ ପ୍ରତିବର୍ଷ ପରି ସାକ୍ଷୀଗୋପାଳ ଠାକୁରଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ଏହି ଦୁର୍ଲଭ ବେଶ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଏକାଦଶୀ ବେଢ଼ା, ଜାତଭୋଗ, ସନ୍ଧ୍ୟାଧୂପ ପରେ ବଡ଼ସିଂହାର ଗଜ ଉଦ୍ଧାରଣ ବେଶରେ ଠାକୁରଙ୍କୁ ସଜ୍ଜିତ କରାଯାଇଥିଲା। ସ୍ୱତନ୍ତ୍ର ବେଶ ପରେ ଖିରି ଭୋଗ ଲାଗି କରାଯାଇଥିଲା। ପୁରାଣ ବର୍ଣ୍ଣିତ ଅନୁସାରେ, ଠାକୁର ଶ୍ରୀଶ୍ରୀଗୋପାଳଜୀଉ ଗରୁଡ଼ ପୃଷ୍ଠରେ ବିରାଜମାନ କରି ସୁଦର୍ଶନ ଚକ୍ର ପ୍ରେରଣ କରି କୁମ୍ଭୀର ଆକ୍ରମଣରୁ ଗଜରାଜଙ୍କୁ ଉଦ୍ଧାର କରିବା ଦୃଶ୍ୟ ଶୋଭାପାଉଥିଲା। ମହାପ୍ରଭୁ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିଲେ। ସିଂହାରୀ ସେବାୟତ ନରହରି ମହାପାତ୍ର, ବିରଜା ପ୍ରସାଦ ମହାପାତ୍ର ଏହି ବେଶ କରିଥିବାବେଳେ ଭଣ୍ଡାର ମେକାପ ଦେବୀଦତ୍ତ ମେକାପ ସହଯୋଗ କରିଥିଲେ। ନିକଟବର୍ତ୍ତୀ ପାଣିଓରା ଗ୍ରାମର ସ୍ୱର୍ଗତ ଆନନ୍ଦ ସାହୁ ଏହି ସେବା ପ୍ରାୟ ୨୫୦ ବର୍ଷ ପୂର୍ବେ ଆରମ୍ଭ କରିଥିଲେ। ତାଙ୍କ ପରିବାର ପକ୍ଷରୁ ପ୍ରତିବର୍ଷ ଏହି ବେଶ ଅନୁଷ୍ଠିତ ହେଉଛି।

## ବିଧାୟକଙ୍କ ଦ୍ୱାରା ୩ ପ୍ରକଳ୍ପର ଶିଳାନ୍ୟାସ

ସାକ୍ଷୀଗୋପାଳ,୨୯।୧(ସମିସ): ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଗୁରୁବାର ସତ୍ୟବାଦୀରେ ମାରାଥନ୍ ଶିଳାନ୍ୟାସ କରିଚନ୍ତି। ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ନୂତନ ନିର୍ମାଣ ନିମନ୍ତେ ୭୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଆହୁରି ସୁଦୃଢ଼ ହେବ ଏବଂ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଡେଲାଙ୍ଗ ଉପଖଣ୍ଡ ଜଳସମ୍ପଦ ବିଭାଗ ଅନ୍ତର୍ଗତ ପୋଷଲ ମାଇନର ଚିତ୍ତଳପୁରଠାରୁ କୁଞ୍ଜର ପର୍ଯ୍ୟନ୍ତ ୭ ମିଟର ଓସାରରେ ୩.୪ କିଲୋମିଟର ରାସ୍ତା ନିର୍ମାଣର ଶିଳାନ୍ୟାସ କରିଥିଲେ। ଅଟକଳ ମୂଲ୍ୟ ୨ କୋଟି ୫୧ ଲକ୍ଷ ରହିଛି। ଏହି ରାସ୍ତା ନିର୍ମାଣ ହେଲେ ଖେଦେରା ପଡ଼ିଆ, ଚମାରସାହି, ଡିହାପଡ଼ା ଓ ଦଶବିଦ୍ୟାଧରପୁର ସମେତ ଆଖପାଖ ଜନସାଧାରଣ ଉପକୃତ ହେବେ। ସେହିପରି ସତ୍ୟବାଦୀ ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ, ସାକ୍ଷୀଗୋପାଳ ଅନ୍ତର୍ଗତ ଶୁକଳ କେନାଲ ବନ୍ଧରେ ୩.୬ କିଲୋମିଟର ରାସ୍ତା ନିର୍ମାଣ କରାଯିବ। ଏହାର ଅଟକଳ ମୂଲ୍ୟ ୨ କୋଟି ୫୯ ଲକ୍ଷ ଟଙ୍କା ରହିଛି। ଏହି ରାସ୍ତା ନିର୍ମାଣ ଫଳରେ ଅଳଗୁମ, ମଧୁବନ ଓ ଶୁକଳ ପଞ୍ଚାୟତ ସମେତ ଆଖପାଖ ଜନସାଧାରଣଙ୍କର ଗମନାଗମନ ସୁବିଧା ହେବ।

# ଭକ୍ତ ଶିରୋମଣି ଦାସିଆଙ୍କ ମହାପ୍ରୟାଣ ଦିବସ

ପିପିଲି,୨୯।୧(ସମିସ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲା ତେଇଶିପୁର ପଞ୍ଚାୟତର ବାଲିଗାଁଠାରେ ଭକ୍ତ ଦାସିଆ ସ୍ମୃତି କମିଟିର ଆନୁକୂଲ୍ୟ ତାଙ୍କର ରାଜ୍ୟସ୍ତରୀୟ ମହାପ୍ରୟାଣ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅନୁଷ୍ଠାନର ସଭାପତି ଡ. ପ୍ରତିଭା ମହାରଥୀ ଅଧ୍ୟକ୍ଷତା କରିଥିବାବେଳେ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଓ ରାଧାବଲ୍ଲଭ ମଠ, ପୁରୀର ପରମପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଡ. ଆରତୀ କର, ଡ. ଚିତ୍ତରଞ୍ଜନ ମିଶ୍ର, ଇଂ ବସନ୍ତ କୁମାର ମିଶ୍ର, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ରୋଟାରୀ କ୍ଲବ୍ ଭୁବନେଶ୍ୱର (ତୋଷାଳୀ)ର ସଭାପତି ତ୍ରିନାଥ ଲେଙ୍କା, ଏନ୍.କେ ଅଗ୍ରୱାଲା, ଡ. ନାରାୟଣ ମହାପାତ୍ର ପ୍ରମୁଖ ଭକ୍ତଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସଙ୍ଗୀତଜ୍ଞ ଦିବ୍ୟରଞ୍ଜନ ପଟ୍ଟନାୟକ, ଦିଲ୍ଲୀପ ମହାନ୍ତି, କ୍ଷେତ୍ରମୋହନ ପାଣି, କବିନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ରାଉତ, କବିନ୍ଦ୍ର ବେହେରାଙ୍କ ଦ୍ୱାରା ସାମୂହିକ ଗୀତଗୋବିନ୍ଦ ଗାନ କରାଯାଇଥିଲା। ଓଡ଼ିଶା ରାଜ୍ୟ ସଂସ୍କୃତି ବିଭାଗର ଆର୍ଥିକ ସହାୟତାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଏକାଦଶ ବର୍ଷର ପ୍ରଥମ ସଂସ୍କରଣ ଆଧ୍ୟାତ୍ମିକ ତ୍ରୟମାସିକ ପତ୍ରିକା ‘ଭାବକୁ ନିକଟ’ ଲୋକାର୍ପିତ ହୋଇଥିଲା। ୧୦ ଜଣ ସାମ୍ବାଦିକଙ୍କୁ ଭକ୍ତ ଦାସିଆ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ଦ୍ୱାରା ପ୍ରସ୍ତୁତ ୟୁଟ୍ୟୁବ୍ ଚ୍ୟାନେଲ୍ ଉଦ୍‌ଘାଟନ କରାଯାଇଥିଲା।



ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ଅର୍ଜ୍ଜୁନ ଚରଣ ସାମଲ, ଡ. ବାସନ୍ତୀ ଦାସ, ମନୋରମା ମହାପାତ୍ର, ଅଜୟ ଦାସ, ଅକ୍ଷୟ ସାହୁ, ଆଞ୍ଚଳିକ କମିଟି ସଦସ୍ୟ ଚିତ୍ତରଞ୍ଜନ ସେନାପତି, ଭାସ୍କର ଚନ୍ଦ୍ର ସାମନ୍ତରାୟ, ରମେଶ ଚନ୍ଦ୍ର ପ୍ରଧାନ, ଚରଣ ପରିଡ଼ା, ସଦାଶିବ ସ୍ୱାଇଁ, ପ୍ରଫୁଲ୍ଲ ବିଶ୍ୱାଳ, ଅର୍ଜ୍ଜୁନ ମାଝୀ, କୃଷ୍ଣଚନ୍ଦ୍ର ଲେଙ୍କା, ଲକ୍ଷ୍ମୀଧର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଭକ୍ତ ଦାସିଆ ସ୍ମୃତି କମିଟିର ସଂଯୋଜନାରେ ରୋଟାରୀ କ୍ଲବ୍ ଭୁବନେଶ୍ୱର (ତୋଷାଳୀ) ଏବଂ ୱାଲେଟ୍ ଫର୍ ୱେଲ୍‌ଥ ସହଯୋଗରେ ୪୦ ଜଣ ଭିନ୍ନକ୍ଷମ ଓ ବିକଳାଙ୍ଗ ବ୍ୟକ୍ତିଙ୍କୁ ହ୍ୱିଲ୍ ଚେୟାର୍ ବଣ୍ଟନ କରାଯାଇଥିଲା। କୁନ୍ତଳା ଲେଙ୍କାଙ୍କୁ ଗୋଟିଏ ବ୍ୟାବସାୟିକ ଭିଡିକ ଗ୍ରାଇଣ୍ଡର ସହାୟତା କରାଯାଇଥିଲା। ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ରାଜ୍ୟ ସଂସ୍କୃତି ବିଭାଗର ପ୍ରାୟୋଜିତ ଭଜନ ପରିବେଷଣ କରାଯାଇଥିଲା। ନିକଟବର୍ତ୍ତୀ ଅଞ୍ଚଳର ବହୁ ସଂଖ୍ୟକ ଭକ୍ତଙ୍କ ସମାବେଶରେ କ୍ଷୁଦ୍ର ପଲ୍ଲୀଗ୍ରାମ ବାଲିଗାଁ ଉତ୍ସବମୁଖର ହୋଇଉଠିଥିଲା।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ

ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

# ଶ୍ରୀକ୍ଷେତ୍ର ସିଟି

୨୯/୧/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୦୯,୨୧୫/- ସୁନା:୦୦.୦୭୦ ଗ୍ରାମ୍ ରୁପା: ୨୫.୭୦୦ ଗ୍ରାମ୍





### ପୁରୀ ଉପକୂଳ ପାଲଟିଛି ଅଲିଭ୍‌ରିଡ୍‌ଲେଙ୍କ ଶ୍ମଶାନ ଭୂଇଁ

# ନୂଆନଈଠାରୁ ରାମଚଣ୍ଡୀ ମଧ୍ୟରେ ୩୦୦ରୁ ଅଧିକ ମୃତ କଇଁଛ




ପୁରୀ,୨୯।୧(ସମିସ): ଓଡ଼ିଶାର ଉପକୂଳ ଅଞ୍ଚଳ ସାମୁଦ୍ରିକ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ଗଣଅଣ୍ଡାଦାନ ପାଇଁ ସାରା ବିଶ୍ୱରେ ପରିଚିତ। ଓଡ଼ିଶା ଉପକୂଳକୁ ସୁରକ୍ଷିତ ଭାବି ପ୍ରତିବର୍ଷ ହଜାର ହଜାର କଇଁଛ ବିଭିନ୍ନ ସମୁଦ୍ର ତଟକୁ ଆସି ପ୍ରାକୃତିକ ଭାବେ ଅଣ୍ଡା ଦେଇ ଜୈବ ବିବିଧତାକୁ ସମୃଦ୍ଧ କରିଥା'ନ୍ତି। ସେଥିମଧ୍ୟରୁ ପୁରୀ ବନଖଣ୍ଡ ଅଧୀନ ଦେବୀନାସୀ ଓ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟର ଉପକୂଳ ଅନ୍ୟତମ। କିନ୍ତୁ ପୁରୀ ଉପକୂଳ ଆଉ ସେମାନଙ୍କ ପାଇଁ ସୁରକ୍ଷିତ ନାହିଁ। ଅଣ୍ଡାଦାନ ଋତୁରେ ଏହି ଉପକୂଳରେ କଇଁଛ ମଡ଼କ ଦେଖିବାକୁ ମିଳିଛି। ମୋଟାମୋଟି କହିବାକୁ ଗଲେ ଏବେ ବିପଦରେ ପ୍ରକୃତିର ବିରଳ ବରଦାନ ଅଲିଭ୍‌ରିଡ୍‌ଲେ କଇଁଛ। ଗୁରୁବାର ନୂଆନଈଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମୃତ ଅଲିଭ୍‌ରିଡ୍‌ଲେ ଲାଗିବା ଘଟଣା ଏହାକୁ ସ୍ପଷ୍ଟ କରୁଛି। ତେବେ ଏହି କଇଁଛଙ୍କ ମୃତ୍ୟୁ କିପରି ହୋଇଛି ତାହାର କାରଣ ଜାଣିବା ପାଇଁ କୌଣସି ଉଦ୍ୟମ କରାଯାଇ ନ ଥିବାବେଳେ ବନ କର୍ମଚାରୀ ଏହାକୁ ବାଲିରେ ପୋତି ଦେଇଛନ୍ତି। କଇଁଛଙ୍କ ଏଭଳି ଗଣମୃତ୍ୟୁକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଏମାନଙ୍କ ସୁରକ୍ଷା ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ଓ ପରିବେଶପ୍ରେମୀ।

ଅଲିଭ୍‌ରିଡ୍‌ଲେଙ୍କ ବଂଶବୃଦ୍ଧି ଲାଗି ଏବେ ଟ୍ରଲର ଚଳାଚଳ ଉପରେ କଟକଣା ରହିଛି। କିନ୍ତୁ ନୋ ଫିସିଙ୍ଗ୍ ଜୋନ୍ ଘୋଷଣା କରାଯାଇଥିବା ଅଞ୍ଚଳରେ ମାଳମାଳ ଟ୍ରଲର ଏବଂ ମେଶିନ ଚାଳିତ ଡଙ୍ଗା ଚକ୍କର କାଟୁଛନ୍ତି। ଫଳରେ ପ୍ରଜନନ ପାଇଁ ଉପକୂଳମୁହାଁ ହେଉଥିବା କଇଁଛ ବିପଦରେ ପଡୁଛନ୍ତି। ଏମିତି କି ଟ୍ରଲର ମାଡ଼ରେ ବିପୁଳ ସଂଖ୍ୟାରେ କଇଁଛ ମରି ବେଳାଭୂମିରେ ଲାଗୁଥିବା ଦେଖିବାକୁ ମିଳୁଛି। ପରିବେଶପ୍ରେମୀ ଓ ସଚେତନ ନାଗରିକମାନେ ଏହାକୁ ଗୁରୁତର ପରିବେଶୀୟ ସଙ୍କେତ ବୋଲି ମନେ କରୁଛନ୍ତି। ସମୁଦ୍ରରେ ଅବାଧ ମାଛଧରା ଜାଲ, ଟ୍ରଲର ଚାଳନା ଏବଂ ଉପକୂଳ ପ୍ରଦୂଷଣକୁ ଏହାର ମୂଳ କାରଣ ବୋଲି ସନ୍ଦେହ କରାଯାଉଛି। ତେବେ ଗୁରୁବାର କୋଣାର୍କ-ବାଲୁଖଣ୍ଡ ଉପକୂଳରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମଲା କଇଁଛ ଲାଗିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ, ଗୁରୁବାର ପ୍ରାୟ ୩୦୦ରୁ ଅଧିକ କଇଁଛ ମରିଛନ୍ତି। ସେମାନେ ଯେଉଁଭଳି ଭାବେ ବେଳାଭୂମିରେ ଏଠିସେଠି ପଡ଼ିଛନ୍ତି ଓ ଆହତ କଇଁଛ ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି ଦେଖିବା ଲୋକ ହିଁ ଅନୁଭବ କରିପାରିବେ। ଏଥିମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମାଈ କଇଁଛ ଥାଇପାରନ୍ତି। ଯଦି ଗୋଟିଏ କଇଁଛ ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥା'ନ୍ତି ସେହି ହିସାବକୁ ନେଲେ ପାଖାପାଖି ୧୫ ହଜାର ଅଣ୍ଡା ବା ତା'ର ୬୦ ଭାଗ ଛୁଆ ଅର୍ଥାତ୍ ୯୦୦୦ ଛୁଆ କଇଁଛଙ୍କ ଜନ୍ମ ବଦଳରେ ନଷ୍ଟ ହୋଇଗଲା। ଏତେ ସଂଖ୍ୟକ ମଲା କଇଁଛ ବେଳାଭୂମିରେ ପଡ଼ିରହିଥିବାବେଳେ ବନପାଳ ଓ ବନରକ୍ଷୀ ଘଟଣାସ୍ଥଳକୁ ନ ଯାଇ ପୋତୁଥିବା ଲୋକଙ୍କଠାରୁ ସୂଚନା ନେବା ଏମାନଙ୍କର ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପ୍ରୀତିକୁ ପଦାରେ ପକାଉଛି ବୋଲି କହିଛନ୍ତି ସଞ୍ଜୀବ। ସାଧାରଣତଃ ୩ ଫୁଟ୍ ଗାତ ଖୋଳି ପୋତିଲେ ବିଲୁଆ, କୁକୁର ଖୋଳିପାରିବା ସମ୍ଭାବନା କମ୍। କିନ୍ତୁ ତରବରିଆ ଭାବେ ଯେଉଁଭଳି ମଲା କଇଁଛଗୁଡ଼ିକ କମ୍ ଗଭୀରରେ ପୋତାଯାଉଛି ତାହାକୁ ବିଲୁଆ, କୁକୁର ଖୋଳିବା ସମ୍ଭାବନା ଅଧିକ। ଏହାଦ୍ୱାରା ବେଳାଭୂମି ଦୁର୍ଗନ୍ଧ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଗଣ ଅଣ୍ଡାଦାନ ପାଇଁ ଆସୁଥିବା ସମୟରେ ଯଦି କଇଁଛଙ୍କ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ହୋଇପାରନ୍ତା ତେବେ ଏଭଳି ମଡ଼କ ବୋଧହୁଏ ଦେଖିବାକୁ ମିଳନ୍ତା ନାହିଁ। ହେଲେ ଏ ଦିଗରେ ବିଭାଗୀୟ ବାବୁମାନେ ତତ୍ପରତା ଦେଖାଉନାହାନ୍ତି। ବନ ବିଭାଗ ଏଥିପ୍ରତି ଅଧିକ ସତର୍କ ଓ ସଚେତନ ରହିବା କଥା। କିନ୍ତୁ ଅନେକ ସମୟରେ ବିଭାଗ ଉପରେ ଅବହେଳାର ଅଭିଯୋଗ ମଧ୍ୟ ଉଠୁଛି। ଯଦି ଆଗକୁ କଠୋର ପଦକ୍ଷେପ ନିଆ ନ ଯାଏ, ତେବେ ଏହି ଦୁର୍ଲଭ ପ୍ରଜାତି ପାଇଁ ଭୟାବହ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଉପକୂଳରେ ଟ୍ରଲର ନିଷେଧ ନୀତିକୁ କଠୋର ଭାବେ ଲାଗୁ କରିବା ସହିତ ନିୟମିତ ପହରା, ସଚେତନତା ଅଭିଯାନ, ଓଡ୍ରା ଆକ୍ଟକୁ କଡ଼ାକଡ଼ି କରାଯାଉ। ସାମୁଦ୍ରିକ ପରିବେଶ ଓ ଜୈବ ବିବିଧତାର ସୁରକ୍ଷା ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ବୋଲି ସଞ୍ଜୀବ ପ୍ରକାଶ କରିଛନ୍ତି। ପୁରୀ ଉପକୂଳରେ କଇଁଛ ମଡ଼କର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଙ୍ଗଲ ଓ ଜଳବାୟୁ ପରିବେଶ ମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି।

ଏଭଳି ଅଭିଯୋଗ ସମ୍ପର୍କରେ ପୁରୀ ବନଖଣ୍ଡ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଫୋନ୍ ନ ଉଠାଇବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ସାଧାରଣତଃ ଜାନୁଆରୀ ୧୫ରୁ ଫେବୃଆରୀ ୧୫ ମଧ୍ୟରେ ଦକ୍ଷିଣା ପବନ ହେଲେ ଏଭଳି ସ୍ଥିତି ଦେଖିବାକୁ ମିଳେ। ସମୁଦ୍ର ମଧ୍ୟରେ ମରିଥିବା କଇଁଛ ବେଳାଭୂମିରେ ଲାଗିଥା'ନ୍ତି।

● ଶ୍ରୀଲୋକନାଥ ପୀଠ

## ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରା ନୀତି ଚୂଡ଼ାନ୍ତ

ପୁରୀ,୨୯।୧(ସମିସ): ଆସନ୍ତା ଫେବୃଆରୀ ୧୩ ତାରିଖ ପଙ୍କୋଦ୍ଧାର ଏକାଦଶୀ ଏବଂ ୧୫ ତାରିଖରେ ମହାଶିବରାତ୍ରି ବା ଜାଗର ଯାତ୍ରା। ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ପୀଠରେ ପ୍ରଭୁ ଶ୍ରୀଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ସୁଚାରୁ ରୂପେ ସମ୍ପନ୍ନ କରିବା ଲାଗି ଉପଜିଲ୍ଲାପାଙ୍କ ସମ୍ମିଳନୀ ଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଉପଜିଲ୍ଲାପାଳ ରାଜକିଶୋର ଜେନା ଲୋକନାଥ ପୀଠରେ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ଏବଂ ସେମାନେ ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ତେବେ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାର ନୀତିକାନ୍ତି ଓ ସମୟ ନିର୍ଘଣ୍ଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ୍, ବ୍ୟାରିକେଡ୍, ଅଗ୍ନିନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ, ସୂଚନା କେନ୍ଦ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସଠିକ୍ କାର୍ଯ୍ୟ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

ପଙ୍କୋଦ୍ଧାର ୧୩ ତାରିଖ ପୂର୍ବରାତି ସାଢ଼େ ୧୨ଟା ପହୁଡ଼ ଫିଟିବ। ରାତି ୧ଟା ୧୫ରୁ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ଶେଷ ହୋଇ ରାତି ୧ଟା ୪୫ରୁ ୩ଟା ମଧ୍ୟରେ ସକାଳ ଧୂପ, ରାତି ୩ଟାରୁ ଭୋର୍ ୪ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସରିବ। ଏହାପରେ ଭୋର୍ ୪ଟାରୁ ସକାଳ ୮ଟା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ମଧ୍ୟାହ୍ନ ୧୨ଟାରୁ ରାତି ୨ଟା ସର୍ବସାଧାରଣ ଦର୍ଶନ ଓ ରାତି ୧୦ରୁ ରାତି ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡ଼ସିଂହାର ବେଶ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ଜାଗର ଅର୍ଥାତ୍ ଫେବୃଆରୀ ୧୫ ତାରିଖ ପୂର୍ବରାତ୍ର ୧୨ଟା ୩୦ରୁ ପହୁଡ଼ ଓ ଦ୍ୱାରଖୋଲା, ରାତି ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା, ଭୋର୍ ୪ଟାରୁ ରାତି ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତି ୧୦ରୁ ରାତି ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତି ୨ଟାରୁ ୩ଟା ପର୍ଯ୍ୟନ୍ତ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ଼ସିଂହାର ବେଶ ଓ ମହଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଥିଲା। ଏହି ବୈଠକରେ ଶ୍ରୀମନ୍ଦିର ନୀତି ଉପପ୍ରଶାସକ ରଞ୍ଜନ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରିଜିତ୍ ନାୟକଙ୍କ ସମେତ ବିଭିନ୍ନ ସେବାୟତ ନିଯୋଗର ସଭାପତି, ସମ୍ପାଦକ ଓ ପ୍ରତିନିଧି, ପଙ୍କୋଦ୍ଧାର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କପୋତେଶ୍ୱର ମହୋତ୍ସବ

ପୁରୀ,୨୯।୧(ସମିସ): ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ଐତିହ୍ୟ ଗ୍ରାମ ରଘୁରାଜପୁର ତରଫରୁ ଶ୍ରୀଶ୍ରୀ ବାବା କପୋତେଶ୍ୱର ମହାଦେବଙ୍କ ବରାହ ଦ୍ୱାଦଶୀ ବୁଡ଼ ତଥା ଖଣ୍ଡଗଡ଼ା ମେଳଣ ଅବସରରେ ଗ୍ରାମସ୍ଥ ଅଭିନ୍ନ ସୁନ୍ଦର ଗୋଟିପୁଅ ଗୁରୁକୁଳ ଆଶ୍ରମରେ କପୋତେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପାଦ ବାବାଜୀ ଶ୍ରୀପରମେଶ୍ୱର ଦାସ ମହାରାଜ ଶାନ୍ତି ଆନନ୍ଦାଶ୍ରମ ଶାନ୍ତିଧାମ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଐତିହ୍ୟ ଗ୍ରାମ ରଘୁରାଜପୁର ସଭାପତି ତଥା ଜାତୀୟ ପୁରସ୍କାରପ୍ରାପ୍ତ ଲକ୍ଷ୍ମୀଧର ସୁବୁଦ୍ଧି, ବିଶିଷ୍ଟ ଅତିଥି ଭାବେ ସୁଦୂର ଦକ୍ଷିଣ ଆଫ୍ରିକାର ସାମ୍ବା ଯିବା ଚେଟି ଓ ଡେନେଲ୍ କୋଗି ଚେଟି, ସମ୍ମାନିତ ଅତିଥି ଭାବେ କଥକ ଓ ଭାରତନାଟ୍ୟମ୍ ନୃତ୍ୟର ବିଶିଷ୍ଟ ଗୁରୁ ଲୋକନାଥ ସାହା, ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ କୁମାର ଭୀମସେନ, ଅବସରପ୍ରାପ୍ତ ଶିକ୍ଷକ ଦିଗାମ୍ବର ରଥ, କପୋତେଶ୍ୱର ଗ୍ରାମର ସଭାପତି ନିରଞ୍ଜନ ନାୟକ, ଲୋକପ୍ରିୟ କଣ୍ଠଶିଳ୍ପୀ ପ୍ରସନ୍ନ କୁମାର ନାୟକ, ଅନ୍ନପୂର୍ଣ୍ଣା ତ୍ରିପାଠୀ ଏବଂ ଲୋକନୃତ୍ୟ ଗୁରୁ ସୁନିଲ କୁମାର ଦାସ ଉପସ୍ଥିତ ରହି ଆଶୀର୍ବଚନ ପ୍ରଦାନ କରିଥିଲେ। ପରେ ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରତିଭା ଚୟନ ତଥା ନୃତ୍ୟ, ସଂଗୀତ ଓ ପାରମ୍ପରିକ ଚିତ୍ରକଳାର ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳକ ଗୁରୁ ଲକ୍ଷ୍ମଣ ମହାରଣା ମାର୍ଗଦର୍ଶନ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ତଥା ଗୋଟିପୁଅ ନୃତ୍ୟ ଓ ସଙ୍ଗୀତ ଗୁରୁ ବସନ୍ତ କୁମାର ମହାରଣା ପରିଚାଳନା କରିଥିଲେ।

### ଜାତୀୟ ଖବରକାଗଜ ଦିବସ ପାଳିତ

## ଛାପା ଗଣମାଧ୍ୟମର ବିକଳ୍ପ ନାହିଁ




ପୁରୀ,୨୯।୧(ସମିସ): ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଦି ମୋମେଣ୍ଟ ସାମାଜିକ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଜାତୀୟ ଖବର କାଗଜ ଦିବସ ଅବସରରେ 'ଗଣମାଧ୍ୟମର ଭବିଷ୍ୟତ ଶୀର୍ଷକ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଥିଲେ ଯେ ୧୭୮୦ ମସିହା ଜାନୁଆରୀ ୨୯ ତାରିଖ ଦିନ ଭାରତୀୟ ସମ୍ବାଦପତ୍ର ଦିବସର ଇତିହାସ ସୃଷ୍ଟି ହୋଇଥିଲା। ଜେମ୍ସ ଅଗଷ୍ଟସ୍ ହିକି ଭାରତର ପ୍ରଥମ ମୁଦ୍ରିତ ବେଙ୍ଗଲ ଗେଜେଟ୍ ପ୍ରଚଳନ କରିଥିଲେ। ଏହା ସାପ୍ତାହିକ ଭାବେ କୋଲକାତାରେ ବ୍ରିଟିଶ୍ ଶାସନ କାଳରେ ଆରମ୍ଭ ହୋଇଥିଲା। ୧୯୪୭ ପରେ ପ୍ରେସ୍ ଆଇନର ସୁଧାର ପାଇଁ ତତ୍କାଳୀନ ନ୍ୟାୟମୂର୍ତ୍ତି ରାଜାଧ୍ୟକ୍ଷ ପ୍ରେସ୍ କମିଶନ ଅନୁସନ୍ଧାନ କମିଟି ଗଠନ କରାଯାଇ ୧୯୫୪ରେ ଏହି କମିଶନ ସାମ୍ବାଦିକତାର ମାନ ଉନ୍ନତି ପାଇଁ ସୁପାରିସ୍ ଦେଇଥିଲେ। ଏହାପରେ ପ୍ରେସ୍ କାଉନ୍‌ସିଲର ଅଫ୍ ଇଣ୍ଡିଆ ଗଠନ ହୋଇଥିଲା। ଏହା ଭାରତୀୟ ଗଣମାଧ୍ୟମ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଓ ସାଂସ୍କୃତିକ ଦିନ। ଛାପା ଗଣମାଧ୍ୟମର ଭବିଷ୍ୟତ ରହିଛି। ଏଥିରେ ପ୍ରାମାଣିକ ତଥ୍ୟ ସହିତ ଖବର ପ୍ରକାଶିତ ହୁଏ। ଗଣମାଧ୍ୟମର ଭବିଷ୍ୟତ ଉଜ୍ୱଳମୟ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥି ଭାବେ ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ. ରାଜେଶ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ସମାଜସେବୀ କୈଳାଶ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଅନୁଷ୍ଠାନର ସଭାପତି ପ୍ରତିଭା ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଓ ମଞ୍ଚସୀନ ଥିଲେ। ଆଲୋଚ୍ୟ ପ୍ରସଙ୍ଗରେ ପ୍ରାକ୍ତନ ବରିଷ୍ଠ ପୁଲିସ ଅଧିକାରୀ ଦେବେନ ଦାଶ, ସାମ୍ବାଦିକ ବିଶ୍ୱଜିତ ପଟ୍ଟନାୟକ ଓ ଜୁପିଟର ଦାସ, ଶିକ୍ଷାବିତ୍ ଶୁଭେନ୍ଦୁ ଦାସ, ଲେଖିକା ସୁନନ୍ଦା ଦାସ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ବିଚିତ୍ର ରଞ୍ଜନ ମହାପାତ୍ର, ଆଇନଜୀବୀ ରଚିତା ରାଉତରା ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଡାକ୍ତର ଚନ୍ଦନ କୁମାର, ଆଇନଜୀବୀ ବସନ୍ତ ପଣ୍ଡା, ସନ୍ତୋଷ ସାହୁ, ଖଗେଶ୍ୱର ପାତ୍ର, ପ୍ରତାପ କିଶୋର ସାମନ୍ତ, ଅରୁଣ ମହାପାତ୍ର, ସନ୍ଦୀପ ଅଗ୍ରୱାଲ, ରାଜା ମୁରୁଡ଼ି, ବିନୋଦ ପରିଡ଼ା, ବିଦ୍ୟାଧର ଦାସ, ସୁରେଶ ପଟ୍ଟନାୟକଙ୍କ ସମେତ କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସହ ସମ୍ପାଦକ ଅନନ୍ତ ପ୍ରସାଦ ସିଂହ, ସୁବୋଧ ସୁବୁଦ୍ଧି, ଧୀରେନ୍ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁସାହିତ୍ୟିକା କମଳିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକ୍ତନ ଶିକ୍ଷକଙ୍କ ପରଲୋକ

ପୁରୀ,୨୯।୧(ସମିସ): ପୁରୀ ଉତ୍କଳ ହିନ୍ଦୀ ବିଦ୍ୟାପୀଠର ପ୍ରାକ୍ତନ ଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତିଙ୍କର ଗତ ୨୬ ତାରିଖ ରାତିରେ ୮୨ ବର୍ଷ ବୟସରେ ପରଲୋକ ହୋଇଛି। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ



ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପରିସ୍ଥିତିରେ ଉନ୍ନତି ନ ଘଟିବାରୁ ତାଙ୍କୁ ଦୁଇ ଦିନ ତଳେ ପୁରୀର ଗଜପତି ନଗର ବାସଭବନକୁ ସ୍ଥାନାନ୍ତର କରାଯାଇଥିଲା। ଛୋଟ ପିଲାଙ୍କ ପାଇଁ ଅନେକ ଶିଶୁ ସାହିତ୍ୟ, ଇଂରାଜୀ ବ୍ୟାକରଣ ତଥା ଗାଣିତ୍ୟିକ ସୂତ୍ର ସମ୍ବଳିତ ଉପାଦେୟ ପୁସ୍ତକ ରଚନା କରି ସେ ଆଦୃତିଲାଭ କରିଥିଲେ। ତାଙ୍କ ପରଲୋକରେ ଛାତ୍ରଛାତ୍ରୀ, ଶିକ୍ଷକ ତଥା ଅଭିଭାବକ ମହଲରେ ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବଡ଼ପୁଅ ତଥା ଆୟକର ବିଭାଗର ବରିଷ୍ଠ ଅଧିକାରୀ ଜାନକୀ ବଲ୍ଲଭ ମହାନ୍ତି ମୁଖାଗ୍ନି ଦେଇଥିଲେ।



## ପ୍ରୟାଶ ମହାପାତ୍ର ହେଲେ ଏଏସ୍‌ଆଇଏଲ୍ ସଦସ୍ୟ

ପୁରୀ,୨୯।୧(ସମିସ): ଆମେରିକାନ ସୋସାଇଟି ଅଫ୍ ଇଣ୍ଟରନ୍ୟାସ୍‌ନାଲ୍ ଲ' (ଏଏସ୍‌ଆଇଏଲ୍)ର ସଦସ୍ୟ ହୋଇଛନ୍ତି ଓଡ଼ିଆ ପୁଅ ପ୍ରୟାଶ ମହାପାତ୍ର। ଏଭଳି ସଦସ୍ୟତା ଲାଭ କରି ସେ ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ପୁରୀ ନୀଳଚକ୍ର ନଗର ପ୍ରଦୀପ୍ତ କିଶୋର ଓ ଜ୍ୟୋତ୍ସ୍ନାରାଣୀଙ୍କ ପୁଅ ପ୍ରୟାଶ ଏଏସ୍‌ଆଇଏଲ୍‌ର ସଦସ୍ୟ ହେବା ପରେ ଏବେ ରାଜ୍ୟ ଏବଂ ଜାତୀୟସ୍ତରରେ ତାଙ୍କ ନାଁକୁ ନେଇ ଆଲୋଚନା। ଏଏସ୍‌ଆଇଏଲ୍ ଏକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଂସ୍ଥା, ଯାହା ଅନ୍ତର୍ଜାତୀୟ ଆଇନ, ଶାନ୍ତି, ନ୍ୟାୟ ଓ ମାନବାଧିକାରର ପ୍ରଚାରପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ପ୍ରୟାଶଙ୍କ ଏହି ସଫଳତା ତାଙ୍କର ଅଧ୍ୟୟନ, ପରିଶ୍ରମ ଓ ଅନ୍ତର୍ଜାତୀୟ ଆଇନ ପ୍ରତି ଆଗ୍ରହର ପରିଣାମ। ପୁଅର ଏଭଳି ସଫଳତାକୁ ନେଇ ତାଙ୍କ ପରିବାର, ପିତା ଓ ମାତା ଅତ୍ୟନ୍ତ ଆନନ୍ଦିତ ଓ ଗର୍ବିତ। ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ଯୁବପିଢ଼ିଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ନାମ ଉଜ୍ୱଳ କରିବାକୁ ପ୍ରେରଣା ଦେବ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି।

## ଗର୍ଭଗୃହରେ ଗୋଡ଼ ଖସି ପାଳିଆ ସେବକ ଆହତ

ପୁରୀ,୨୯।୧(ସମିସ): ଶ୍ରୀମନ୍ଦିର ଗର୍ଭଗୃହରେ ଗୋଡ଼ ଖସିଯିବାରୁ ଜଣେ ପାଳିଆ ସେବକ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ପାଳିଆ ସେବକ ହେଉଛନ୍ତି ଦୀନବନ୍ଧୁ ପୂଜାପଣ୍ଡା। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣରେ ମଧ୍ୟାହ୍ନ ଭୋଗ ପୂଜା ବସିବାକୁ ଯାଉଥିବାବେଳେ ଚିକ୍କଣ ଯୋଗୁଁ ଗର୍ଭଗୃହରେ ତାଙ୍କ ଗୋଡ଼ ଖସିଗଲା। ଫଳରେ ସେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଅଭିଯୋଗ ଉଠୁଛି ଯେ, ଗର୍ଭଗୃହରେ ଘିଅ ପଡ଼ିବା ଏବଂ ପଥର ଚିକ୍କଣିଆ ହୋଇଯିବାରୁ ବିଭିନ୍ନ ସମୟରେ ଏଭଳି ଅଘଟଣ ଘଟୁଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେବାୟତମାନେ ମତ ଦେଉଛନ୍ତି।

### ଏଏମ୍ ଓ ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଟ୍ରାଇ ସିରିଜ୍ ଉଦ୍‌ଯାପିତ

## ଉଭୟ ବର୍ଗରେ ଏଚ୍‌ପିସି ଓଡ଼ିଶା ଚାମ୍ପିଅନ

ପୁରୀ,୨୯।୧(ସମିସ): ତାଳବଣିଆସ୍ଥିତ ଖୋ ଖୋ ଇଣ୍ଡୋର ଷ୍ଟାଡିୟମ ହଲ୍ ପରିସରରେ ଏଏମ୍ ଓ ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଟ୍ରାଇ ସିରିଜ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଆନ୍ଧ୍ରପ୍ରଦେଶ ଖୋ ଖୋ ସଂଘ ସଭାପତି ଏମ୍‌ଭିଏସ୍ ସାଇ ପ୍ରସାଦ,




ଭାରତ ଖୋ ଖୋ ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଏସ୍‌ପି ପ୍ରତୀକ୍ ସିଂ, ପୁରୀ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଏଏମ୍ ଓ ଏନ୍‌ଏସ୍ ଓଡ଼ିଶା ଶାଖା ମୁଖ୍ୟ ଅଧିକାରୀ ବିକାଶ ଯାଦବେନ୍ଦୁ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଗ୍ରାମାଞ୍ଚଳରୁ ବାଳକ ଓ ବାଳିକା ଖୋ ଖୋ କ୍ରୀଡ଼ାବିତ୍ ଭଲ ପ୍ରଦର୍ଶନ କରି ଜିଲ୍ଲା, ରାଜ୍ୟ ଓ ଦେଶରେ ନାମ ରଖିବା ସହ ବିଶ୍ୱ ଚାମ୍ପିଅନ ହୋଇପାରିଥିବାରୁ ଅତିଥିମାନେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଗାଁର ମାଟି ଦାଣ୍ଡରେ ଖେଳୁଥିବା ଖୋ ଖୋ ଏବେ ମ୍ୟାଟ୍ ଉପରେ ଖେଳୁଛନ୍ତି ବୋଲି ଅତିଥିମାନେ ଆଲୋକପାତ କରିଥିଲେ।

ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଖୋ ଖୋ ସଂଘ ମୁଖ୍ୟ କୋଚ୍ ଅନିଲ ଲକ୍ଷ୍ମଣ ଗଞ୍ଜାବେ, ଖୋ ଖୋ ଏଚ୍‌ପିସି ସେଣ୍ଟରର ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା, ଓଡ଼ିଶା ଖୋ ଖୋ ସଂଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥୀ ମହାପାତ୍ର, ପ୍ରୋଗ୍ରାମ ମ୍ୟାନେଜର ବାପି ରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ତିନି ରାଜ୍ୟର କୋଚ୍ ଓ ପ୍ରତିଭାବାନ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରାଇ ସିରିଜ୍ ମ୍ୟାଚ୍‌ରେ ଏଚ୍‌ପିସି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ମଧ୍ୟରେ ତିନିଦିନ ଧରି ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ବାଳିକା ବର୍ଗରେ ଏଚ୍‌ପିସି ଓଡ଼ିଶା ଚାମ୍ପିଅନ ହୋଇଥିବାବେଳେ ପଶ୍ଚିମବଙ୍ଗ ରନର୍ସ ଅପ୍ ହୋଇଥିଲା। ବାଳକ ବର୍ଗରେ ଏଚ୍‌ପିସି ଓଡ଼ିଶା ଚାମ୍ପିଅନ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶ ରନର୍ସ ଅପ୍ ହୋଇଥିଲା। ଖେଳାଳିମାନଙ୍କ ପ୍ରବଳ ଇଚ୍ଛାଶକ୍ତି ସହ ବନ୍ଧୁତ୍ୱପୂର୍ଣ୍ଣ ଭାବେ ଖେଳ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅନବରତ ରାସ୍ତାରେ ବୋହୁଛି ଡ୍ରେନ୍ ପାଣି

ପୁରୀ,୨୯।୧(ସମିସ): ପୁରୀ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଉପରେ ଗୁରୁତ୍ୱ ଦେଉଛି ଜିଲ୍ଲା ପ୍ରଶାସନ। ଯେହେତୁ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ତେଣୁ ଏହାର ପବିତ୍ରତା ରକ୍ଷା ଉପରେ ବିଶେଷ ଫୋକସ୍ ରଖାଯାଇଛି। କିନ୍ତୁ କିଛି ଅଧିକାରୀଙ୍କ ଅବହେଳା ଏବଂ ଠିକା ସଂସ୍ଥାର ଲାଭଖୋର ମନୋବୃତ୍ତି ପାଇଁ ଅନେକ ସାହିଗଳିରେ ସ୍ୱଚ୍ଛତା ବାଟବଣା ହୋଇଛି। କେଉଁଠି ଡ୍ରେନ୍ ଭାଙ୍ଗିଗଲାଣି ତ ପୁଣି କେଉଁଠି ଡ୍ରେନ୍ ପାଣି ରାସ୍ତାରେ ମାଡୁଛି। ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି ସ୍ଥାନୀୟ ଲୋକେ। ଶ୍ରୀମନ୍ଦିର ନିକଟ ଲୋକନାଥ ରୋଡ୍‌ରେ ଅନବରତ ଡ୍ରେନ୍ ପାଣି ରାସ୍ତାରେ ବୋହୁଛି। ଫଳରେ ସେହି ରାସ୍ତା ଦେଇ ଖାଲି ପାଦରେ ମନ୍ଦିରକୁ ଯାତାୟାତ କରୁଥିବା ସେବାୟତ ଡ୍ରେନ୍‌ର ମଇଳା ପାଣି ମାଡ଼ି ଯାଉଛନ୍ତି। ତୁରନ୍ତ ପୌର କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ଜନତା।

ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିରଠାରୁ ୧୦୦ ମିଟର ଏବଂ ପରିକ୍ରମା ମାର୍ଗଠାରୁ ମାତ୍ର ୫୦ ମିଟର ଦୂର ଲୋକନାଥ ରୋଡ୍ ପ୍ରତିହାରୀ ନିଯୋଗ ସମ୍ମୁଖରେ ଡ୍ରେନ୍‌ର ମଇଳା ପାଣି ମୁଖ୍ୟ ରାସ୍ତାରେ ଅନବରତ ପ୍ରବାହିତ ହେଉଛି। କିଛିଦିନ ପରେ ରାଷ୍ଟ୍ରପତି ପୁରୀ ଗସ୍ତ କରିବେ। କିନ୍ତୁ ପୌରପାଳିକାର କାମ ଠିକ୍ ଭାବରେ ହେଉ ନ ଥିବାରୁ ହଜାର ହଜାର ଭକ୍ତ ଏବଂ ସେବାୟତ ପ୍ରତିଦିନ ଏହି ଡ୍ରେନ୍ ପାଣି ପାର୍ ହୋଇ ଖାଲି ପାଦରେ ଶ୍ରୀମନ୍ଦିରକୁ ଯାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଶ୍ରୀକ୍ଷେତ୍ରକୁ ଲକ୍ଷାଧିକ ଭକ୍ତ ଦର୍ଶନ ପାଇଁ ଆସୁଛନ୍ତି। ରାଜ୍ୟ ସରକାର ପୁରୀ ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଥିବାବେଳେ ଶ୍ରୀମନ୍ଦିର ଏବଂ ଲୋକନାଥ ମନ୍ଦିରକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ସଦାସର୍ବଦା ଅବହେଳିତ ହୋଇ ରହିଛି। କିଛିଦିନ ତଳେ ସେହି ରାସ୍ତାରେ ଟ୍ରାଫିକ୍ ଜାମ୍ ରହୁଥିଲା। ଅଭିଯୋଗ ପରେ ଏହାର ସମାଧାନ ହୋଇଛି। ଏବେ ନଳା ପାଣି ସମସ୍ୟା ଭକ୍ତ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ କଲବଲ କରୁଛି। ଜିଲ୍ଲା ପ୍ରଶାସନ ଏବଂ ପୌରସଂସ୍ଥା କେବେ ଏହି



ଖାଲି ପାଦରେ ମାଡ଼ି ଯାତୟାତ କରୁଛନ୍ତି ଭକ୍ତ, ସେବାୟତ



ସମସ୍ୟାର ସମାଧାନ କରିବେ ସେଥିପ୍ରତି ସମସ୍ତେ ଚାହିଁ ବସିଛନ୍ତି ବୋଲି କହିଛନ୍ତି ସାମ୍ବାଦିକ ଶ୍ରୀ ଦାସ। ଏହାର ସମାଧାନ ହେଲେ ସମସ୍ତେ ଉପକୃତ ହେବେ। ଭକ୍ତମାନେ ମଧ୍ୟ ସୁଖଦ ଅନୁଭୂତି ନେଇ ଫେରିବେ ବୋଲି ସେ ମତ ଦେଇଛନ୍ତି।

ସକାଳ THE SAKALA



## ଲଡୁବାବାଙ୍କ ମହାଶିବରାତ୍ରି ପ୍ରସ୍ତୁତି ବୈଠକ

# ରାତି ୧୧ଟାରେ ଉଠିବ ମହାଦୀପ




ନୟାଗଡ଼/ଶରଣକୁଳ,୨୯ ।୧(ସମିସ): ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ମହାଶିବରାତ୍ରି ଆସନ୍ତା ଫେବୃଆରୀ ୧୫ ତାରିଖ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ଗୁରୁବାର ସ୍ଥାନୀୟ ଡାକବଙ୍ଗଳାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଠାକୁରଙ୍କ ନୀତିକାନ୍ତି, ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଶାନ୍ତିଶୃଙ୍ଖଳା, ପୁଲିସ ବ୍ୟବସ୍ଥା, ଯାତ୍ରା ପଡ଼ିଆ ପରିଚାଳନା, ପାନୀୟ ଜଳ ଓ ପରିମଳ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଆଦି ୧୯ ବିଷୟ ଉପରେ ଆଲୋଚନା ହୋଇଥିଲା। ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ଠାକୁରଙ୍କ କାର୍ଯ୍ୟ ସମାପନ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଶାନ୍ତିଶୃଙ୍ଖଳା ତଥା ଶ୍ରଦ୍ଧାଳଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହା ସହ ଯାତ୍ରା ପଡ଼ିଆ, ମନ୍ଦିର ଚାରିପାଖ ଏବଂ ପାରିପାର୍ଶ୍ୱିକ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବରାତ୍ରି ପୂର୍ବଦିନ ରାତି ୧୨ଟା ପରେ ଠାକୁରଙ୍କ ପହୁଡ଼ ଭଙ୍ଗାଯାଇ ଭୋର

### ସହଯୋଗ ଓ ସହଭାଗିତା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

୩ଟା ମଧ୍ୟରେ ଅବକାଶ ନୀତିଠାରୁ ସକାଳର ସମସ୍ତ ପୂଜାନୀତି ସମାପନ କରାଯାଇ ଭୋର ୪ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ମାତ୍ର ୧ ଘଣ୍ଟା ମଧ୍ୟରେ ସନ୍ଧ୍ୟାର ସମସ୍ତ ନୀତି ସମାପନ କରାଯାଇ ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ପରେ ମହାଶିବରାତ୍ରି ବେଢ଼ା ପରିକ୍ରମା ଆରମ୍ଭ ହୋଇ ରାତି ୧୧ଟାରେ ମହାଦୀପ ଉଠିବ।

ବୈଠକରେ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଥାନା ଅଧିକାରୀ ସୁଜିତ କୁମାର ଦାସ, ରାଜସ୍ୱ ନିରୀକ୍ଷକ ଅନିଲ ବେହେରା, ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ଙ୍କ ସମେତ ସାମ୍ବାଦିକ, ଜନପ୍ରତିନିଧି, ସେବାୟତ, ବଣିକ ସଙ୍ଘ, ସ୍ୱାସ୍ଥ୍ୟ, ବିଦ୍ୟୁତ, ଜଳ ଓ ପରିମଳ, ଅଗ୍ନିଶମ, ମହାବିଦ୍ୟାଳୟ, ବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଓ ବହୁ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

ନୟାଗଡ଼,୨୯ ।୧(ସମିସ): ନୟାଗଡ଼ ସଦର ଥାନା ମାଳିସାହି ଗାଁରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ବିଷ ପିଇ ବୋହୂ ଆତ୍ମହତ୍ୟା କରିଥିବା ଶାଶୂଘର ଲୋକେ କହୁଥିବା ବେଳେ ଝିଅକୁ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଭାଟସାହି ଗାଁର ମିନତୀ ସ୍ୱାଇଁ (୪୦) ମାଳିସାହିର ରବୀନ୍ଦ୍ର ସ୍ୱାଇଁଙ୍କୁ ବିବାହ କରିଥିଲେ। ମାତ୍ର ବିଭିନ୍ନ କାରଣରୁ ତାଙ୍କୁ ଶାଶୂଘର ଲୋକ ନିର୍ଯାତନା ଦେଉଥିବା ମିନତୀ ଅଭିଯୋଗ କରୁଥିଲେ। ଗୁରୁବାର ଅପରାହ୍ନ ୪ଟାରେ ମିନତୀଙ୍କ ଝିଅ ନିଜ ମାମୁଁଙ୍କୁ ଫୋନ୍ ମିନତୀଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ବାପଘର ଲୋକେ ପହଞ୍ଚି ମିନତୀଙ୍କ ବେକରେ ଦାଗ ଥିବା ଦେଖି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସଦର ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିନତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସିଧାମୁଳା ଧାନମଣ୍ଡି ଉଦ୍‌ଘାଟିତ



କଣ୍ଟିଲୋ,୨୯ ।୧(ସମିସ): ସିଧାମୁଳା ସମବାୟ ସମିତି ଅଧୀନ ବଡ଼ବାଣପୁର ଗ୍ରାମରେ ଧାନମଣ୍ଡି ଉଦଘାଟିତ ହୋଇଛି। ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ମଣ୍ଡିକୁ ଉଦଘାଟନ କରିଛନ୍ତି। ସରପଞ୍ଚ ପ୍ରତିମା ପ୍ରଧାନ, ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ କର, ଚାଷୀ ଜମ୍ବେଶ୍ୱର ପ୍ରଧାନ, ନବକିଶୋର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ବିଜୟ ଦାସ, ପ୍ରମୁଖଙ୍କ ଉପସ୍ଥିତିରେ ଧାନକ୍ରୟ ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ଚାଷୀଙ୍କଠାରୁ ୫୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରାଯାଇଛି। ଧାନର ମାନ ପରୀକ୍ଷା କରି ଦଶପଲ୍ଲାର ସର୍ଦ୍ଦାର ରାଇସ ମିଲ ପକ୍ଷରୁ ଧାନକ୍ରୟ କରାଯାଇଥିଲା। ସମବାୟ ସମିତି ସମ୍ପାଦକ କଳିଙ୍ଗ ରାଉତ ପରିଚାଳନା କରିଥିଲେ।

## ସ୍ମାର୍ଟ ମିଟର ପ୍ରଚଳନ ନେଇ ଉପଭୋକ୍ତାଙ୍କ ଅସନ୍ତୋଷ

ଖଣ୍ଡପଡ଼ା,୨୯ ।୧(ସମିସ): ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ବିଦ୍ୟୁତ ବିତରଣ କମ୍ପାନୀ ଟିପିସିଓଡିଏଲ ପକ୍ଷରୁ ସ୍ମାର୍ଟ ମିଟର ପ୍ରଚଳନକୁ ନେଇ ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ବିରୋଧରେ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାପଡ଼ିଛି। ସ୍ମାର୍ଟ ମିଟର ପ୍ରଚଳନ ଯୋଗୁଁ ପ୍ରତିମାସରେ ବିଦ୍ୟୁତ ବିଲ୍ ବାବଦ ଅଧିକ ଟଙ୍କା ଦେବାକୁ ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏବେ ଘରେ ଘରେ ସ୍ମାର୍ଟ ମିଟର ଲଗାଇବା ପାଇଁ ଟିପିସିଓଡିଏଲ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଥିବା ବେଳେ ସ୍ମାର୍ଟ ମିଟର ପ୍ରଚଳନକୁ ତୀବ୍ର ବିରୋଧ କରି ଆସୁଛନ୍ତି ଅଞ୍ଚଳର ହଜାର ହଜାର ଉପଭୋକ୍ତା। ସ୍ମାର୍ଟ ମିଟର ପ୍ରଚଳନରୁ କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ ନ ଓହରିଲେ ଆଗାମୀ ଦିନରେ ଏ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଯୁବକ ସଂଘ ସଦସ୍ୟ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଟିପିସିଓଡିଏଲ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ଦୃଷ୍ଟି ଦେବାକୁ ଦାବି ହେଉଛି। ଟାଟା କମ୍ପାନୀ ସ୍ମାର୍ଟ ମିଟର ଲଗାଇ ପ୍ରତି ମାସରେ ଉପଭୋକ୍ତାଙ୍କଠାରୁ ମାତ୍ରାଧିକ ବିଦ୍ୟୁତ ଶୁଳ୍କ ଆଦାୟ କରିବା ପାଇଁ ଯେଉଁ ମସୁଧା ଚଳାଇଛି ତାକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟମାନେ ପ୍ରକାଶ କରିଛନ୍ତି।

## ସଞ୍ଜାଇ ଦେବୀ କ୍ରିକେଟ; ଫାଇନାଲରେ ଆରିକମା



ଭାପୁର,୨୯ ।୧(ସମିସ): ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ବିଜିପୁର ଗ୍ରାମ ମିନିଷ୍ଟାଡିୟମରେ ଆୟୋଜିତ ମା' ସଞ୍ଜାଇ ଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ କଳାପଥର ଓ ଆରିକମା ମଧ୍ୟରେ ଖେଳାଯାଇଥିଲା। ଆରିକମା ଦଳ ୬୬ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ଆରିକମା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ହରାଇ ୧୭୮ ରନ କରିଥିଲା। ଜବାବରେ କଳାପଥର ଦଳ ୧୫ ଓଭରରେ ୮ ଉଇକେଟ ହରାଇ ୧୧୨ ରନରେ ସୀମିତ ରହିଯାଇଥିଲା। ମୁଖ୍ୟଅତିଥି ରୂପେ ସମାଜସେବୀ ଚିତ୍ତରଞ୍ଜନ ପରିଡ଼ା ଯୋଗଦେଇଥିଲେ। ମାନସ ରଞ୍ଜନ ଦାସ ଏବଂ ଅଖିଳ ରାଉତ ଖେଳ ପରିଚାଳନା କରିଥିଲେ। ତପନ ରାଉତ ଓ ଶିବପ୍ରସାଦ ଦାସ ସ୍କୋରସିଟ୍ ପରିଚାଳନା କରିଥିବା ବେଳେ ହାପିରଞ୍ଜନ ଜେନା ଧାରାବିବରଣୀ ପ୍ରଦାନ କରିଥିଲେ। ବିଜୟୀ ଆରିକମା ଦଳର ରାକେଶ କୁମାର ଦଳେଇ (ଗୁଗୁଲା) ବ୍ୟକ୍ତିଗତ ୩ ଓଭର ବୋଲିଂ କରି ୧୫ ରନ ବିନିମୟରେ ୫ ଉଇକେଟ ନେବା ସହ ୩୧ ବଲରେ ୬୦ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବିଜିପୁର ଓ ତଳମାରଡ଼ା ଦଳ ମଧ୍ୟରେ ଖେଳାଯିବ।

## ପୁଣି ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ

ଓଡ଼ଗାଁ,୨୯ ।୧(ସମିସ): ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ଅଞ୍ଚଳରେ ପୁଣି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ୧୦ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ବେଳେ ନିଜ ଉପସ୍ଥିତ ବୁଦ୍ଧି ଓ ସାହସ ବଳରେ ଅପରାଧୀଙ୍କ ପଞ୍ଝାରୁ ନିଜକୁ ବଞ୍ଚାଇ ପଳାଇ ଆସିବାରେ ସଫଳ ହୋଇଛନ୍ତି। ଅଭିଯୁକ୍ତ ହେଲେ ସ୍ଥାନୀୟ ଜଣେ ଟିୟୁସନ ଦିଦିଙ୍କ ୨୩ ବର୍ଷର ପୁଅ। ପୀଡ଼ିତା ନାବାଳିକା ପ୍ରତିଦିନ ସନ୍ଧ୍ୟାବେଳେ ଟିୟୁସନ ପାଇଁ ସମ୍ପୃକ୍ତ ଦିଦିଙ୍କ ଘରକୁ ଯାଉଥିଲେ। ବୁଧବାର ସନ୍ଧ୍ୟାରେ ଅନ୍ୟ ସମସ୍ତ ପିଲାଙ୍କୁ ଛାତ ଉପରକୁ ପଠାଇ ଦେଇ, ଦିଦିଙ୍କ ପୁଅ 'ଗଣିତ ପଢ଼ାଇବି' ବୋଲି କହି ପୀଡ଼ିତାଙ୍କୁ ତଳ ଘରେ ଅଟକାଇଥିଲେ। ସେଠାରେ ସେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ। ନାବାଳିକା କାନ୍ଦିବାରୁ ଅଭିଯୁକ୍ତ ତାଙ୍କ ତଣ୍ଟି ଚିପିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନାବାଳିକା ଉପସ୍ଥିତ ବୁଦ୍ଧି ଓ ସାହସ ଲଗାଇ ଅଭିଯୁକ୍ତଙ୍କୁ ଜୋରରେ ଗୋଇଠା ମାରିଥିଲେ। ଯନ୍ତ୍ରଣାରେ ଅଭିଯୁକ୍ତ ହାତ ଛାଡ଼ିଦେବା କ୍ଷଣି ନାବାଳିକା ସେଠାରୁ ଖସିଆସି ନିଜ ଘରେ ପହଞ୍ଚିଥିଲେ। ବାପା-ମା'ଙ୍କୁ ସମସ୍ତ କଥା କହିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଏନେଇ ପୀଡ଼ିତା ପରିବାର ପକ୍ଷରୁ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ୮ ଦିନ ପୂର୍ବରୁ ଶରଣକୁଳ ଥାନା ଅଞ୍ଚଳରେ ଜଣେ ୮ ବର୍ଷର ନାବାଳିକା ଦୁଷ୍କର୍ମର ଶିକାର ହୋଇଥିଲେ। ସେହି ମାମଲାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଲଗାତର ଏପରି ଘଟଣା ଅଞ୍ଚଳର ସାମାଜିକ ସୁରକ୍ଷା ଓ ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବିଦ୍ୟାଳୟକୁ 'ଲାଇଟ୍ ଆପ୍ରିସିଏସନ୍ ପୁରସ୍କାର'




ଓଡ଼ଗାଁ,୨୯ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶିକ୍ଷାମଣ୍ଡଳ କୁରାଳ କ୍ଲଷ୍ଟର୍ ଦଣ୍ଡୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ପାଇଁ ମାଗଣା ଚକ୍ଷୁ ଓ ମଧୁମେହ ପରୀକ୍ଷା ଶିବିର ଆୟୋଜନ କରି ସମାଜସେବା କ୍ଷେତ୍ରରେ ଅପୂର୍ବ ଉଦାହରଣ ସ୍ଥାପନ କରିଛି। ଏହି ମହତ୍ତ୍ୱପୂର୍ଣ୍ଣ ସେବା କାର୍ଯ୍ୟକ୍ରମ ପାଇଁ ଉତ୍ତରପ୍ରଦେଶର ବେସରକାରୀ ସଂସ୍ଥା ଦୀପକ ଫାଉଣ୍ଡେସନ ଓ ଗୁଜରାଟର ଲାଇଟ୍ ଫାଇନାନ୍ସ ପକ୍ଷରୁ ବିଦ୍ୟାଳୟକୁ "ଲାଇଟ୍ ଆପ୍ରିସିଏସନ୍ ପୁରସ୍କାର' ପ୍ରଦାନ କରାଯାଇଛି। ଶିଶୁବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୧୫ ଛାତ୍ରଛାତ୍ରୀ ସହ ୩୫୦ରୁ ଅଧିକ ଗ୍ରାମବାସୀ ଏହି ଶିବିରରେ ଯୋଗଦେଇ ମାଗଣା ଚକ୍ଷୁ ଓ ମଧୁମେହ ପରୀକ୍ଷା ସହ ମାଗଣା ଚଷମା ଗ୍ରହଣ କରିଥିଲେ। ଏହା ବ୍ୟତୀତ ଅହମଦାବାଦ ଓମେନ୍ ଆକ୍ସନ୍ ଗ୍ରୁପ୍‌ର ମୁଖ୍ୟ ପରିଚାଳକ ମିସ୍ ଫର୍ଣ୍ଣାଜ୍ ଓ ସହଯୋଗୀ ମିସ୍ ସୋନଲଙ୍କ ଦ୍ୱାରା ବାଳିକାମାନଙ୍କୁ ସ୍ୱାସ୍ଥ୍ୟ, ସୁସ୍ଥତା ଏବଂ "ଗୁଡ୍ ଟଚ୍ ବ୍ୟାଡ୍ ଟଚ୍' ବିଷୟରେ ସଚେତନ କରାଯାଇଥିଲା। ଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପଠନ ସାମଗ୍ରୀ ଭର୍ତ୍ତି ବ୍ୟାଗ୍ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଜିଗର୍ ଠାକୁର, ଜୋନାଲ୍ ମୁଖ୍ୟ ନବଘନ ପଣ୍ଡା ଓ କ୍ଲଷ୍ଟର୍ ମୁଖ୍ୟ ରିଙ୍କୁନା ସାହୁଙ୍କଠାରୁ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲୋଟସ୍ "ଲାଇଟ୍ ଆପ୍ରିସିଏସନ୍ ପୁରସ୍କାର' ଗ୍ରହଣ କରିଥିଲେ। ଶିକ୍ଷକ ଯଶୋବନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ପବିତ୍ର ମୋହନ ସାହୁ, ଜିତେନ୍ କୁମାର ଡାକୁଆ, ଶିକ୍ଷୟିତ୍ରୀ ଜାନକୀ ପଣ୍ଡା, ସୁନିତା ସେଠୀ, ସୁଶାନ୍ତି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ



ଖଣ୍ଡପଡ଼ା,୨୯ ।୧(ସମିସ): ପବିତ୍ର ମାଘ ମାସ ବଡ଼ ଏକାଦଶୀ ତିଥିରେ ଖଣ୍ଡପଡ଼ା ସହର ରାଜବାଟୀସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ନିମନ୍ତେ ସନ୍ଧ୍ୟା ଆଳତି ସମୟରେ ମନ୍ଦିର ପରିସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ● ଜିଲ୍ଲାରେ ୨ ଲକ୍ଷ ୬୦ ହଜାର କ୍ୱିଣ୍ଟାଲ ଧାନକିଣା

## ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମିଳିନି ଟୋକନ୍

ନୟାଗଡ଼,୨୯ ।୧(ସମିସ): ନୟାଗଡ଼ ଜିଲ୍ଲାରେ ବହୁ ବିଳମ୍ବରେ ଧାନକିଣା ସ୍ୱାଭାବିକ ସ୍ଥିତିକୁ ଆସିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ୨ ଲକ୍ଷ ୬୦ ହଜାର କ୍ୱିଣ୍ଟାଲ ଧାନକିଣା ହୋଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ମୁରଲୀକ୍ରିଷ୍ଣା ରାଓ ସୂଚନା ଦେଇଛନ୍ତି। ଜିଲ୍ଲାର ୧୫୩ ପ୍ୟାକ୍ସ ଜରିଆରେ ୧୭୪ଟି ସ୍ଥାନରେ ମଣ୍ଡି ହେଉଛି। ଚଳିତ ବର୍ଷ କଟନୀଛଟନୀକୁ ନେଇ ଜିଲ୍ଲାରେ ଭୟାବହ ସ୍ଥିତି ସୃଷ୍ଟି ହୋଇଥିଲା। ମିଲରମାନେ କ୍ୱିଣ୍ଟାଲ ପିଛା ୭ କେଜି କଟନୀଛଟନୀ କରିବାକୁ ଜିଦ୍ ଧରିଥିଲେ। ଦୀର୍ଘଦିନ ବିଳମ୍ବ ହେବାରୁ ଚାଷୀ ମିଲରଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇଥିଲେ। ସର୍ବନିମ୍ନ ୬ କେଜି ଓ ସର୍ବାଧିକ ୭ କେଜି କଟନୀଛଟନୀରେ ଧାନକିଣା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ଜିଲ୍ଲାରେ ୫୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଟୋକନ୍ ମେସେଜ୍ ଆସି ନ ଥିବା ଅଭିଯୋଗ ହୋଇଛି। ଚାଷୀମାନେ ଟୋକନ୍ ଆସିବା ପାଇଁ ଅପେକ୍ଷା କରି ରହିଥିବା ବେଳେ ପ୍ୟାକ୍ସ କାର୍ଯ୍ୟକର୍ତ୍ତାଙ୍କ ଉପରେ ଦାଉ ସାଧୁଛନ୍ତି। କାହିଁକି ଟୋକନ୍ ଇସ୍ୟୁ କରାଯାଉନାହିଁ, ତାହା ବୁଝାପଡୁନି। ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସୂଚନାନୁସାରେ, ଆଜି ସୁଦ୍ଧା ୫୬ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ୍ ପଠାଇବାକ ସମସ୍ତ ବ୍ୟବସ୍ଥା ସରିଛି। ଖୁବଶୀଘ୍ର ସେମାନଙ୍କୁ ମେସେଜ୍ ପହଞ୍ଚିବ ବୋଲି କହିଛନ୍ତି।

### ରବୀନ୍ଦ୍ର ସ୍ମାରକୀ କ୍ରିକେଟ

## ଫାଇନାଲରେ ଦେବାଂଶୀ କ୍ଲବ

କଣ୍ଟିଲୋ,୨୯ ।୧(ସମିସ): ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ନୀଳମାଧବ ମହାବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ରବୀନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଛି। କଣ୍ଟିଲୋ ଦେବାଂଶୀ କ୍ଲବ ଘରୋଇ ବଡ଼ବାଣପୁର ଦଳକୁ ୨୫ ରନରେ ପରାସ୍ତ କରି ଫାଇନାଲରେ ସ୍ଥାନ ପକ୍କା କରିଛି। ଦେବାଂଶୀ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୭ ଉଇକେଟ ହରାଇ ୧୩୨ ରନ କରିଥିଲା। ଜବାବରେ ବାଣପୁର ଦଳ ୧୦୭ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦେବାଂଶୀ କ୍ଲବର ବାପି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ଚନ୍ଦନ ଦଳେଇ ଓ ଅଶୋକ ରାଉତ ମ୍ୟାଚ ପରିଚାଳନା କରିଥିଲେ। ନିରଞ୍ଜନ ଦଳେଇ ଧାରାବିବରଣୀ ଓ ଲିବୁନା ସ୍କୋରିଂରେ ସହାୟତା କରିଥିଲେ। ଶନିବାର ଫାଇନାଲରେ ଦେବାଂଶୀ କ୍ଲବକୁ ଭୋଗଡ଼ା ବାବା ଗୁପ୍ତେଶ୍ୱର କ୍ଲବ ଭେଟିବ।

## ରାଜ୍ୟସ୍ତରୀୟ ଅଲିମ୍ପିଆଡ୍‌ରେ ଅରୋମିରାଙ୍କ କୃତିତ୍ୱ



ଖଣ୍ଡପଡ଼ା,୨୯ ।୧(ସମିସ): ଖଣ୍ଡପଡ଼ା ବ୍ଲକ ରୟତି ଢୋଲମରା ଗ୍ରାମସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ଅରୋମିରା ମହାନ୍ତି ଚଳିତ ଶିକ୍ଷାବର୍ଷରେ ଭାରତୀୟ ଶିକ୍ଷା ପରିଷଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଅଲିମ୍ପିଆଡ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସେହିପରି ରାଜ୍ୟସ୍ତରୀୟ ଟ୍ୟାଲେଣ୍ଟ ସ୍କଲାରସିପ ୩ୟ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୨୪ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅରୋମିରା ୧୧ନଂ ସ୍ଥାନରେ ରହିଥିବା ଜଣାଯାଇଛି। ଏତଦବ୍ୟତୀତ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସେ ଖଣ୍ଡପଡ଼ା ବ୍ଲକସ୍ତରରେ ୯ମ ସ୍ଥାନ ଅଧିକାର କରିଥିବା ଅନୁଷ୍ଠାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପିଲାଦିନୁ ପାଠପଢ଼ା ସହ ନାଚଗୀତ ପ୍ରତି ରୁଚି ରଖିଥିବା ଅରୋମିରା ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତରେ ବେଶ୍ ପାରିଦର୍ଶିତା ଲାଭ କରି ବିଭିନ୍ନ ଅନୁଷ୍ଠାନରୁ ଅନେକ ପୁରସ୍କାର ହାସଲ କରିବାରେ ସମର୍ଥ ହୋଇଛନ୍ତି। ବିଭିନ୍ନ କ୍ଷେତ୍ରରେ ତାଙ୍କ ସଫଳତାକୁ ନେଇ ପରିବାର ଲୋକ, ଶିକ୍ଷକ, ଶିକ୍ଷୟିତ୍ରୀ ସମେତ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି।

## ଭାଲୁ ଆକ୍ରମଣରେ ଦୃଷ୍ଟିହୀନ ବୃଦ୍ଧାଙ୍କୁ ମିଳିଲା ରାସନ କାର୍ଡ



ଓଡ଼ଗାଁ,୨୯ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ବାଣ୍ଡପୁର ପଞ୍ଚାୟତ ନାଣ୍ଡିଗିରି ଗାଁର ବୃଦ୍ଧା ହେମ ଜାନୀ ତାଙ୍କ ଯୁବାବସ୍ଥାରେ ଭାଲୁ ଆକ୍ରମଣରେ ଦୁଇ ଆଖି ହରାଇ ଶତପ୍ରତିଶତ ଦୃଷ୍ଟିହୀନ ହୋଇଥିଲେ। ଶେଷରେ ଦୀର୍ଘ ବର୍ଷ ପରେ ତାଙ୍କୁ ମିଳିଛି ରାସନ କାର୍ଡ। ଦୀର୍ଘଦିନ ଧରି ଆଧାର କାର୍ଡ ନ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ଥିବା ହେମ ଜାନୀଙ୍କ ସମ୍ପର୍କରେ ଖବର ପାଇ ଓଡ଼ଗାଁ ଯୋଗାଣ ଅଧିକାରୀ ମଳୟ ମେହେର ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ସମସ୍ତ ତଥ୍ୟ ଅବଗତ ହେବା ପରେ ସେ ନିଜେ ଗାଁକୁ ଯାଇ ହେମଙ୍କ ଭୋଟ ପରିଚୟପତ୍ର ଆଧାରରେ ରାସନ କାର୍ଡ ପ୍ରଦାନ କରିଥିଲେ। ରାସନ କାର୍ଡ ପାଇବା ସମୟରେ ଭାବପ୍ରବଣ ହୋଇ ପଡ଼ିଥିବା ହେମ ଜାନୀ ଯୋଗାଣ ଅଧିକାରୀଙ୍କ ମୁଣ୍ଡରେ ହାତ ରଖି 'ବାବୁ, ତୁମ ସାହାଯ୍ୟ ସବୁବେଳେ ମନେ ରହିବ' ବୋଲି କହି ଆଶୀର୍ବାଦ କରିଥିଲେ। କେବଳ ରାସନ କାର୍ଡ ନୁହେଁ, ହେମଙ୍କୁ ୨୦ କିଲୋଗ୍ରାମ୍ ଚାଉଳ ସହ ୫ ଶହ ଟଙ୍କା ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ। ହେଲେ ଦୁଃଖର ବିଷୟ, ଦୁଇ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ହେମଙ୍କ ଆଧାର କାର୍ଡ ପ୍ରସ୍ତୁତ ହୋଇପାରୁନାହିଁ। ଏହି କାରଣରୁ ସେ ଏପର୍ଯ୍ୟନ୍ତ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଆଧାର ପ୍ରସ୍ତୁତି ପାଇଁ ବିକଳ୍ପ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ନିରୀହ, ଅନୁସୂଚୀତ ଜନଜାତିର ଭିନ୍ନକ୍ଷମ ବୃଦ୍ଧାଙ୍କ ପାଇଁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସ୍ଥାନୀୟ ଲୋକଙ୍କ ମତରେ, ଜିଲ୍ଲା ପ୍ରଶାସନ ଯଦି ଏଥିପ୍ରତି ସମ୍ବେଦନଶୀଳ ଭାବ ପ୍ରକାଶ କରନ୍ତା, ତେବେ ହେମଙ୍କ ଆଧାର କାର୍ଡ ପ୍ରସ୍ତୁତି, ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ଓ ଅନଲାଇନ ଆବେଦନ ମାଧ୍ୟମରେ ବର୍ଦ୍ଧିତ ଭତ୍ତା ପାଇଁ ପଥ ସୁଗମ ହୋଇପାରନ୍ତା। ଜଣେ ଅସହାୟ, ଦୃଷ୍ଟିହୀନ ବୃଦ୍ଧାଙ୍କ ଜୀବନ ସଂଗ୍ରାମ ପ୍ରଶାସନିକ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ପ୍ରତି ପ୍ରଶ୍ନ ଉଠାଉଛି।

### କେସି କ୍ଲବ୍ ଶତବାର୍ଷିକୀ ଉତ୍ସବର ତୃତୀୟ ସନ୍ଧ୍ୟା

## 'କ୍ଲବ୍ ମାଧ୍ୟମରେ ସାମୂହିକ ବିକାଶ ସମ୍ଭବ'

ନୟାଗଡ଼,୨୯ ।୧(ସମିସ)



ସମାଜର ଦ୍ରୁତ ଉନ୍ନତି କରିବାକୁ ହେଲେ କ୍ଲବ୍ ହିଁ ଏକମାତ୍ର ଅନୁଷ୍ଠାନ। କ୍ଲବ୍ ମାଧ୍ୟମରେ ସାମୂହିକ ବିକାଶ ସମ୍ଭବ। ନୟାଗଡ଼ କେସି କ୍ଲବର ସମସ୍ତ ସଭ୍ୟ ନୟାଗଡ଼ ବିକାଶର ଚାବିକାଠି ହୋଇଥିବାରୁ ସେମାନଙ୍କୁ ଶତବାର୍ଷିକୀ ପାଳନ ଅବସରରେ ସାଧୁବାଦ ଜଣାଉଛି ବୋଲି ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଛନ୍ତି। କ୍ଲବରେ ଥିବା ସୌଭାଗ୍ୟ ମଞ୍ଜରୀ ଲାଇବ୍ରେରୀର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ସେ କହିଛନ୍ତି। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଆୟୋଜିତ ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗଦେଇ ନୟାଗଡ଼ରେ ପୁନର୍ବାର ଐତିହାସିକ କେସି ଚାଲେଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରାଯିବାକୁ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ନିରୁପମା ଖଟେଇ, ବରିଷ୍ଠ ଆଇନଜୀବୀ ରଣଜିତ୍ ଦାଶ ଯୋଗଦେଇଥିଲେ। ସଭାପତି ଭାଗୀରଥି ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନ ସିଂ ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଭବାନୀ ଶଙ୍କର ଦାସ, ଯୁଗ୍ମ ସମ୍ପାଦକ ଚନ୍ଦନ ମହାପାତ୍ର, କୋଷାଧ୍ୟକ୍ଷ ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

# ପ୍ରହସନ ପାଲଟିଛି ସଡ଼କ ସୁରକ୍ଷା ମାସ ପାଳନ

## ୭ବର୍ଷରେ ଗଲାଣି ୯୪୮ ଜୀବନ, ଗୋଟିଏ ମାସରେ ୭ରୁ ଉର୍ଦ୍ଧ୍ୱ ଦୁର୍ଘଟଣା



ଖୋର୍ଦ୍ଧା,୨୯।୧(ସମିସ): ବେପରୁଆ ଗାଡ଼ି ଚାଳନା ଏବଂ ସଡ଼କ ବ୍ୟବହାରକାରୀଙ୍କୁ ସଚେତନତା ଉଦ୍ଦେଶ୍ୟରେ ପରିବହନ ବିଭାଗ ପକ୍ଷରୁ ରାଜ୍ୟ ବ୍ୟାପି ସଡ଼କ ସୁରକ୍ଷା ମାସ ଗତ ୧ରୁ ୩୧ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ରୋକିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ସହିତ ପରିବହନ ନିୟମକୁ କଡ଼ାକଡ଼ି ପାଳନ କରୁଥିବା ଭାଷଣବାଜି ପରିବହନ ବିଭାଗ ମାରୁଛି। ଦୁର୍ଘଟଣା ନିମନ୍ତେ ଅସାବଧାନତାକୁ ମୁଖ୍ୟତଃ ଦାୟୀ କରୁଥିବାବେଳେ ନିୟମିତ ଯାନବାହନ ଯାଞ୍ଚ କରୁଥିବା ପରିବହନ ବିଭାଗ ସଫେଇ ଦେଉଛି। ଲାଇସେନ୍ସ ପ୍ରଦାନ ପାଇଁ କିଛି ନିର୍ଦ୍ଦିଷ୍ଟ ନିୟମଥିବାବେଳେ ଖୋର୍ଦ୍ଧା ସହରରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ପରିବହନ ବିଭାଗର ସ୍ଥାଣୁତା ଓ ବିନା ଡ୍ରାଇଭିଂ ଲାଇସେନ୍ସରେ ଶହ ଶହ ଗାଡି ଚାଲିବା ଫଳରେ ଦୁର୍ଘଟଣା ସଂଖ୍ୟା ବଢ଼ିବା ଦେଖାଯାଇଛି। ଯାହା ବର୍ତ୍ତମାନ ପରିବହନ ବିଭାଗ ଓ ପୁଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଛି।

ସୂଚନାଯୋଗ୍ୟ, ଖୋର୍ଦ୍ଧା ସହରର ଉପାନ୍ତ ହୋଇ ୧୬ନଂ ଜାତୀୟ ରାଜପଥ ଯାଇଥିବାବେଳେ ସହର ମଧ୍ୟ ଦେଇ ୫୭ ନଂ ଜାତୀୟ ରାଜପଥ ଯାଇଛି। ଜିଲ୍ଲା ସଦର ମହକୁମାରେ ଯାନବାହାନ ସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଥିବା ବେଳେ ଲୋକସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଯେଉଁ ତୁଳନାରେ ଜିଲ୍ଲାର ରାସ୍ତାଘାଟର ଉନ୍ନତି ହେବା କଥା ତାହା ହୋଇପାରିନଥିବାବେଳେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ୍‌କୁ ନାକେଦମ ହେବାକୁ ପଡୁଛି। ରାସ୍ତା ଦୁର୍ଘଟଣା ଏକ ନିତିଦିନିଆ ଘଟଣା ପାଲଟିଥିବାବେଳେ ପ୍ରତିଦିନ ଏଥିରେ ବହୁ ଧନ ଜୀବନ ନଷ୍ଟ ହେବା ଦେଖାଯାଇଛି। ଯେତେଗୁଡିଏ ଦୁର୍ଘଟଣା ହେବାର ନଜିର ରହିଛି ତାହା ପଛରେ ବେପରୁଆ ଗାଡିଚାଳନା, ନିଶାଗ୍ରସ୍ତ ଓ ଅଣତାଲିମ ପ୍ରାପ୍ତ ଡ୍ରାଇଭିଂ ପ୍ରମୁଖ କାରଣ ବୋଲି କୁହାଯାଉଛି। ଏଥିସହିତ ସ୍କୁଲ, କଲେଜର କମ ବୟସ ଛାତ୍ରଛାତ୍ରୀଙ୍କ ହାତରେ ଗାଡି ଧରାଇବା ଏବଂ ସଚେତନତା ଅଭାବ ଫଳରେ ଦୁର୍ଘଟଣା ହେଉଥିବା ମଧ୍ୟ କୁହାଯାଉଛି।

ସହର ଭିତରେ ଓ ବାହାରେ ବହୁ ସଂଖ୍ୟାରେ ଭଙ୍ଗା ଦଦରା ଗାଡି ବିନା ପରିମିଟ୍ ଓ ଫିଟନେସରେ ଚାଲୁଥିବା ବେଳେ ଏଥିପ୍ରତି ପରିବହନ ବିଭାଗର ନିଘାନାହିଁ। ଉକ୍ତ ଗାଡି ଗୁଡିକ ଦୁର୍ଘଟଣାଗ୍ରସ୍ତ ହେବା ମାତ୍ରେ ଉଭୟ ପୁଲିସ ଓ ପରିବହନ ବିଭାଗ ଅସାଧୁ କର୍ମଚାରୀମାନେ ମାଲେ ମାଲ ହେଉଥିବା କୁହାଯାଉଛି। ପରିବହନ ବିଭାଗ କୋହଳ ମନୋଭାବ ଯୋଗୁଁ ଦୁର୍ଘଟଣା ସଂଖ୍ୟା ବଢିବା କୁହାଯାଉଥିବା ବେଳେ ସଡକ ସୁରକ୍ଷା ମାସ ପାଳନ ଏକ ପ୍ରହସନ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

ଦୁର୍ଘଟଣାରେ ଖୋର୍ଦ୍ଧା ଜିଲ୍ଲା ୨୦୨୫ରେ ଶୀର୍ଷରେ ରହିଥିଲା। ଉକ୍ତବର୍ଷ ୩୬୦ଟି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୪୪ଜଣଙ୍କ ମୃତ୍ୟୁ ହୋଇଛି। ମାସକ ମଧ୍ୟରେ ଗଙ୍ଗପଡା ଛକରେ ମା ଝିଅଙ୍କୁ ଦୁର୍ଘଟଣା, ନାଭାଲ ଛକରେ ଜଣେ ମୃତ, ଦଧିମାଛ ଗାଡିଆ ଛକରେ ଦୁଇବନ୍ଧୁଙ୍କ ମୃତ୍ୟୁ, ଗଙ୍ଗପଡା ନଡିଆ ଫାର୍ମ ନିକଟରେ ଥାର ଦୁର୍ଘଟଣାରେ ୨ରୁ ଉର୍ଦ୍ଧ୍ୱ ମୃତ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟରେ ଦୁର୍ଘଟଣାରେ ଜଣେ ମୃତ, ୨୨ରୁ ଉର୍ଦ୍ଧ୍ୱ ଆହତ, ବେଗୁନିଆ ଦୁର୍ଘଟଣାରେ ୨ମୃତ, ବାଘମାରୀ ଥାନା ଅଂଚଳ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି।

ସେହିପରି ଗତ ୭ ବର୍ଷ ଭିତରେ ଜିଲ୍ଲାରେ ୨୦୭୨ଟି ରାସ୍ତା ଦୁର୍ଘଟଣାରେ ୯୪୮ ଜଣଙ୍କ ଲୋକଙ୍କର ମୃତ୍ୟୁ ହୋଇଛି। ୨୦୧୯ ମସିହାରେ ୨୭୫ଟି ଦୁର୍ଘଟଣା ହୋଇଥିଲା। ଏଥିରେ ୧୬୨ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୨୦୨୦ରେ ୨୨୬ଟି ଦୁର୍ଘଟଣାରେ ୯୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୧ରେ ୨୨୬ଟି ଦୁର୍ଘଟଣାରେ ୧୦୬ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହିତ ୨୦୨୨ରେ ବିଭିନ୍ନ ସ୍ଥାନରେ ୨୬୪ଟି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୩୬ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୨୦୨୩ରେ ୩୭୧ଟି ଦୁର୍ଘଟଣାରେ ୧୫୮ଜଣଙ୍କର ମୃତ୍ୟୁ ହୋଇଥିବାବେଳେ୨୦୨୪ରେ ୩୫୦ଟି ଦୁର୍ଘଟଣାରେ ୧୫୨ଜଣଙ୍କ ଜୀବନ ଯାଇଛି। ଚଳିତବର୍ଷ ଆଜି ସୁଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୭ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟି ୯ରୁ ଉର୍ଦ୍ଧ୍ୱଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ତେଣୁ ପରିବହନ ବିଭାଗ କେବଳ ହେଲମେଟ ଧରପଗଡ ନାମରେ କିଛି ଦିନ ହେବ ଲୋକ ଦେଖାଣିଆ ଜୋରିମାନା ଆଦାୟ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ ବରଂ ଦୁର୍ଘଟଣା ରୋକିବା ନିମନ୍ତେ ବିଭାଗ ଠୋସ୍ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ପରିବହନ ବିଭାଗ ଉପର ଠାଉରିଆ ଭାବେ ସଡକ ସୁରକ୍ଷା ମାସ ପାଳନ କରିବା ପରିବର୍ତ୍ତେ ଏହି ଦିଗ ଉପରେ ବିଶେଷ ଧ୍ୟାନ ଦେଲେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ।

### ➤ ୧୮ ବର୍ଷରୁ କମ୍ ପିଲାଙ୍କ ହାତରେ ଗାଡି, କଡାକଡି ହେଉନି ଯାଞ୍ଚ

# କାନ୍ଥମାହାଲ ଆଙ୍କୁଲାରେ ଠାକୁରଙ୍କ ଏକାଦଶୀ ମେଳଣ

ବାଲୁଗାଁ,୨୯।୧(ସମିସ): ଚିଲିକା ବ୍ଲକ ବାଲୁଗାଁ ନିକଟସ୍ଥ ନିମିଖେତା ପଞ୍ଚାୟତର କାନ୍ଥମାହାଲ ସୀମା ଗଡଡ଼ ଆଙ୍କୁଲାର ଶ୍ରୀ ଶ୍ରୀ ଭଗବତ ଦେବ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ସଂଧ୍ୟାରେ ସୀମା ଠାକୁର ମାନଙ୍କ ପାରମ୍ପରିକ ଏକାଦଶୀ ମେଳଣ ଅନୁଷ୍ଠିତ ହୋଇ ଯାଇଛି। ଏହି ଭଗବତ ଦେବ ମେଳଣ ଉତ୍ସବରେ କାନ୍ଥମାହାଲ ସୀମା ନଅ ଖଣ୍ଡ ଗ୍ରାମର ଦେବା ଦେବୀ ସୁସଜ୍ଜିତ ଦୋଳ ବିମାନରେ ବୁଧବାର ବିଳମ୍ବିତ ରାତ୍ରରେ ପାଟପଟୁଆର ସହ ମେଳଣ ପଡ଼ିଆକୁ ଆଗମନ କରିଥିଲେ। ସ୍ଥାନାଧିପତି ଶ୍ରୀ ଶ୍ରୀ ଭଗବତ ଦେବ ଗଡଡ଼ ଆଙ୍କୁଲା ଦୋଳ ଠାକୁର ମାନଙ୍କୁ ପାଛୋଟି ନେଇ ଆସନ ବିଜେ କରିଥିଲେ। ଏହି ମେଳଣ ଉତ୍ସବର ସୀମା ଠାକୁର ସ୍ଥାନାଧିପତି ଗଡଡ ଆଙ୍କୁଲାର ଶ୍ରୀ ଭଗବତ ଦେବଙ୍କ ନିମନ୍ତ୍ରଣ କ୍ରମେ ଦଣ୍ଡିଗାଡ଼ିଆ, ଦୋଳମୁଣ୍ଡାଇ, ନିମାଇଁମଲ୍ଲ, ରାଉତରାପଲ୍ଲୀ, ଖଡ଼ିକାପଲ୍ଲୀ, ବୋରିଆସାହି, ହାତୀବାରି ଆଦି ଗ୍ରାମରୁ ଏଗାର ଠାକୁର ସୁସଜ୍ଜିତ ଦୋଳ ବିମାନରେ ଦେବାଦେବୀ ପାଟପଟୁଆର ସହ ମେଳଣ ପଡ଼ିଆକୁ ଆଗମନ କରି ଆସନ ଅଳଙ୍କୃତ କରିବା ପରେ ପହିଲି ଭୋଗ ଲାଗି ହୋଇଥିଲା। ଗୁରୁବାର ଦିନ ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଂଧ୍ୟାପରେ ଦୋଳ ଠାକୁରମାନଙ୍କ ନିମନ୍ତେ ମେଳଣ ଭୋଗ ଲାଗି ହେବା ପରେ ଆତସବାଜୀ ପ୍ରଦର୍ଶନ କରାଯାଇଥିଲା। ପରେ ସମସ୍ତ ଦୋଳ ଠାକୁର ମେଳଣ ପଡ଼ିଆକୁ ମଧ୍ୟକୁ ମେଳଣ ଲାଗି ଆଗମନ କରିଥିବା ବେଳେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଓ ଘଣ୍ଟ କାହାଳୀ ଶବ୍ଦରେ ମେଳଣ ପର୍ବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା।

# ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ




ନିରାକାରପୁର,୨୯।୧ (ସମିସ): ବିଶିଷ୍ଟ ସାରସ୍ୱତ ସାଧକ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ରଚିତ ପୁସ୍ତକ 'ଶ୍ରୀ ରାମାୟଣ' ଓ 'ଜଗନ୍ନାଥ ବିଳାସ ଚନ୍ଦ୍ରିକା' ଲୋହିଆ ଏକାଡେମୀ ରେ ଉନ୍ମୋଚିତ ହୋଇଯାଇଛି। ନିରାକାରପୁର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସାରସ୍ୱତ ସମାବେଶରେ ସଭାପତି ଭାବେ ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ, ବିଶିଷ୍ଟ ଅତିଥିଭାବେ ସୁସାହିତ୍ୟକ ପ୍ରଭାକର ସ୍ୱାଇଁ ଓ ବିଜୟ କୁମାର ତ୍ରିପାଠୀ ଯୋଗ ଦେଇ ଥିଲେ। ଲେଖକ ଶ୍ରୀ ଦାଶ ନିଜ ସାରସ୍ୱତ ଜୀବନର ଅନୁଭୂତି ସହ ପୁସ୍ତକ ଦ୍ୱୟ ରଚନାର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ପ୍ରକାଶିକା ସୁରେଖା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଗତି ଯୁବକ ସଂଘର ବାର୍ଷିକ ଉତ୍ସବ




ଜଟଣୀ,୨୯।୧ (ସମିସ): ଜଟଣୀ ଅନ୍ତର୍ଗତ କୁଶମାଟି ଛଣଘର ପଞ୍ଚାୟତସ୍ଥିତ ପ୍ରଗତି ଯୁବକ ସଙ୍ଘର ୫୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଗତି ଯୁବକ ସଙ୍ଘର ସଭାପତି ପ୍ରଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଯୁବକ ସଙ୍ଘର ସମ୍ପାଦକ ରଶ୍ମିରଞ୍ଜନ ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ବାଉରୀ ବନ୍ଧୁ ସାହୁ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ସରପଂଚ ସୁବାସିନୀ ବିଶ୍ୱାଳ ମୁଖ୍ୟ ଅତିଥି, ସିଆରସିସି ରଶ୍ମିତା ନାୟକ ମୁଖ୍ୟ ବକ୍ତା, ସାମ୍ବାଦିକ ରବି ସ୍ୱାଇଁ, ହାସ୍ୟ ଅଭିନେତା ଦେବେନ୍ଦ୍ର ସୁନ୍ଦରାୟ, ସଚିକାନ୍ତ ବେହେରା, ସାମାଜିକ କର୍ମୀ ଗଜେନ୍ଦ୍ର ନାୟକ, ସିନେ ତାରକା ରବି କୁମାର, କଣ୍ଠ ଶିଳ୍ପୀ ଯଶ ରାଜ, ବରିଷ୍ଠ ପ୍ରାଧ୍ୟାପକ ଇଂ. ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣକରିଥିବା କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ସ୍ମାରକୀ ପ୍ରଦାନ କରାଯାଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ



ଖୋର୍ଦ୍ଧା, ୨୯।୧ (ସମିସ) : ସିଆଳିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଚକ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ପୂର୍ବତନ ସଚିବ ପ୍ରଦୀପ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ବିକାଶ ସହିତ ସମାଜକୁ ଦିଗ୍‌ଦର୍ଶନ ଦେବାଭଳି ପ୍ରତିଭା ସୃଷ୍ଟି ହେବା ଦରକାର ବୋଲି କହିଥିଲେ। ସିନିୟର୍ ଓଏଏସ୍, ମିଶନ୍ ଶକ୍ତି ବିଭାଗ ଶୈଳନ୍ଦ୍ର କୁମାର ଜେନା ସ୍କୁଲ ପରିବେଶ ଓ ଶିକ୍ଷାକୁ ଗୁରୁତ୍ୱ ଦେଇ କହିଥିଲେ। ସମ୍ମାନିତ ଅତିଥି ଭାବେ ଡ଼ଃ. ତାପସ କୁମାର ନାୟକ ଯୋଗ ପ୍ରାଣାୟାମ ବିଷୟରେ କହିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୁନି କଳାକାରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଶିବ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ସ୍କୁଲ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜଟଣୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଜଟଣୀ,୨୯।୧(ସମିସ): ଜଟଣୀ ମହାବିଦ୍ୟାଳୟରେ +୩ ପ୍ରଥମବର୍ଷ ଛାତ୍ରୀମାନଙ୍କର ମହିଳା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱପ୍ନା ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପିକା ପରମିତା ପ୍ରହରାଜ, ପୁଷ୍ପାଞ୍ଜଳି ସାମଲ, ପ୍ରଭାସିନୀ ଦଳେଇ, ସୁଶ୍ରୀ ସଂଗୀତା ସାହୁ ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷିକା ପୂଜା ସେଠୀ ଏବଂ ଲିପିକା କରଡ଼ା +୩ ପ୍ରଥମବର୍ଷର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଦେଲେ ୧୦୪ ପରୀକ୍ଷାର୍ଥୀ

ବେଗୁନିଆ, ୨୯।୧(ସମିସ) : ବେଗୁନିଆ ସଦର ମହକୁମାସ୍ଥିତ ପିଏମ ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଅଧିକ୍ଷକ ଓ ସ୍ମୃତିସ୍ମିତା ବେହେରା ଉପ ଅଧିକ୍ଷକ ରୂପେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସ୍ତର -୧ର ୫୨ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୫୧ଜଣ ଓ ସ୍ତର -୨ ର ୫୬ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୫୩ଜଣ ଉପସ୍ଥିତ ଥିଲେ। ବେଗୁନିଆ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ସେଠୀ ପରିଦର୍ଶନରେ ଆସିଥିଲେ। ନିରୀକ୍ଷକ ରୂପେ ମୋହିନୀ କାନ୍ତି ଦାସ, ଆଶା ମୁର୍ମୁ, ଶୁଭଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ପ୍ରଭାତ କୁମାର ନିଶଙ୍କ, ସୂର୍ଯ୍ୟକାନ୍ତ ମହାପାତ୍ର, ହିମାଂଶୁ ସ୍ୱାଇଁ ଓ ଶ୍ରୀକାନ୍ତ ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ।

# ଗୋଦାବରୀଶ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ



ଚିଲିକା,୨୯।୧ (ସମିସ) : ସ୍ଥାନୀୟ ନାଚୁଣୀସ୍ଥିତ ଗୋଦାବରୀଶ ସରକାରୀ ହାଇସ୍କୁଲର ୬୬ ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ବସନ୍ତ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ପ୍ରଥମେ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଶୁଭ ଉଦଘାଟନ କରିବା ସହିତ ଉତ୍ସବରେ ନିଜର ବକ୍ତବ୍ୟ ରଖିଥିଲେ। ଶିକ୍ଷକ ରାମଚନ୍ଦ୍ର ଦାଶ ବେଦ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଚିଲିକା ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ସମ୍ମାନୀତ ଅତିଥି ଭାବେ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲ୍ଲି, ଶିକ୍ଷାନୁଷ୍ଠାନର ବର୍ଷିଆନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ପଞ୍ଚ ଖା ଶିକ୍ଷା ସେତୁ ସଭାପତି ବସନ୍ତ କୁମାର ସାହୁ, ନାଚୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇ, ସମିତି ସଭ୍ୟ ବିରଞ୍ଚିନାରାୟଣ ରାଉତ, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସ ଯୋଗ ଦେଇ ନିଜର ବକ୍ତବ୍ୟ ରଖିବା ସହିତ ପୂର୍ବ ଆୟୋଜିତ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ସହ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଗୋଦାବରୀଶ ମହାପାତ୍ରଙ୍କ ସୁପୁତ୍ର ଅଶ୍ୱିନୀ କୁମାର ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁ, ପ୍ରାକ୍ତନ ଚିଲିକା ବ୍ଲକର ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ମକର ଧ୍ୱଜ ପଲାଇ, ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ବାଣୀକାନ୍ତ ସାହୁ ଓ ସୌମ୍ୟକାନ୍ତ ସାହୁଙ୍କ ସଂଯୋଜନା ଓ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ ସଭା ସଂଚାଳନ କରିଥିଲେ।

# କ୍ଲଷ୍ଟରସ୍ତରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଖୋର୍ଦ୍ଧା,୨୯।୧(ସମିସ): ଖୋର୍ଦ୍ଧା ଶିକ୍ଷା ଜିଲ୍ଲାର ବିଭିନ୍ନ କ୍ଲଷ୍ଟରରେ ଦୁଇଦିବସୀୟ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିମଧ୍ୟରେ ଖୋର୍ଦ୍ଧା ବ୍ଲକ ଫରେଷ୍ଟ କଲୋନୀ ଅଂଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ଭାଲିଆବାଡିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଦୁଇ ଦିବସୀୟ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଂଯୋଜିକା ଭାବେ ଅଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ରେବତୀ ପଣ୍ଡା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତାରାଣୀ ଛୁଆଳସିଂହ ଉପସ୍ଥିତ ରହି କ୍ଲଷ୍ଟରସ୍ତରୀୟ କର୍ମଶାଳା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରାଯାଇଥିଲା। କ୍ଲଷ୍ଟରର ୧୦ଟି ବିଦ୍ୟାଳୟରେ ୩୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ୫ଜଣ ସାଧନ କର୍ମୀ ରତ୍ନାକର ପ୍ରଧାନ, ସବିତାରାଣୀ ମହାପାତ୍ର, ଶାରଦା ପ୍ରସାଦ ରାଉତ, ରବୀନ୍ଦ୍ରନାଥ ମହାପାତ୍ର, ଅନୁପମ୍ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଯେଉଁମାନଙ୍କର ମିଳିତ ଉଦ୍ୟମରେ ୧୦୦ ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ହୋଇଥିଲା। ଶେଷରେ ଅଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ରେବତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମୁକ୍ତାପୁର ଅଂଚଳିକ ସାଧନୀ କେନ୍ଦ୍ର ଅଧୀନ ରେ ଥିବା ମହାମାୟା ସରକାରୀ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷଣ ସାମଗ୍ରୀ ବିକଶିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଅଂଚଳିକ ସାଧନୀ କେନ୍ଦ୍ରର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ପରିଚାଳନା କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହୀରାମଣି ରାଉତଙ୍କ ଉକ୍ତ କର୍ମଶାଳାକୁ ପ୍ରସ୍ତୁତ କରିବା ସମୟରେ ପରିଦର୍ଶନ, ସହାୟତା କରିବା ସହ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ।

# ବାବୁଲି ଦାସ ସ୍ମାରକୀ କ୍ରିକେଟ; ଡିଙ୍ଗର ଦଳ ଫାଇନାଲରେ

ବେଗୁନିଆ,୨୯।୧(ସମିସ): ବେଗୁନିଆ ବ୍ଲକ ସିମୋର୍ ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମରେ ୧୧ତମ ବାର୍ଷିକ ବାବୁଲି ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଡିଙ୍ଗର କ୍ରିକେଟ ଦଳ ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୧୮୪ ରନ ସଂଗ୍ରହ କରିଥିଲା। ଜବାବରେ ସାରୁଅ କ୍ରିକେଟ ଦଳ ବିଜୟ ଲକ୍ଷ୍ୟରେ ସମସ୍ତ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଖେଳକୁ ହରିବନ୍ଧୁ ପଣ୍ଡା ଓ ଅମୀୟ ସାହୁ ପରିଚାଳନା କରିଥିବା ବେଳେ ଆସନ୍ତା କାଲି ଦ୍ୱିତୀୟ ସେମି ଫାଇନାଲ ଗୌଡପୁଟ କ୍ରିକେଟ ଦଳ ଓ ଗଁପୁର କ୍ରିକେଟ ଦଳ ମଧ୍ୟରେ ଖେଳାଯିବ ବୋଲି ଆୟୋଜକ କହିଛନ୍ତି।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ଟାଙ୍ଗୀ,୨୯।୧(ସମିସ): ଟାଙ୍ଗୀ କୋଠକରଣସାହିର ସ୍ୱର୍ଗତ ରାମଚନ୍ଦ୍ର ଜେନାଙ୍କ ଧର୍ମପତ୍ନୀ କାଦମ୍ବିନୀ (୮୨)ଙ୍କ ପରଲୋକ ଘଟିଛି। ପୁରୀ ସ୍ୱର୍ଗ ଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। କନିଷ୍ଠ ପୁତ୍ର ସୁଧାଂଶୁ ମୁଖାଗ୍ନି ପ୍ରଦାନ କରିଥିଲେ। ପୁତ୍ର ସୌମେନ୍ଦ୍ର, ଶୁଭେନ୍ଦୁ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ପୂର୍ବତନ ମନ୍ତ୍ରୀଙ୍କ ପତ୍ନୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲୁଗାଁ, ୨୯।୧(ସମିସ) : ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତସ୍ଥ ନାରାୟଣ ମାନସିଂହ ଉଚ୍ଚବିଦ୍ୟାଳୟଓ ନାରାୟର ମାନସିଂହ ପ୍ରାଥମିକ ଉଚ୍ଚବିଦ୍ୟାଳୟ ଅନ୍ତରକିଆରୀ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଗୁରୁବାର ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ସୁସାହିତ୍ୟକ ଡ଼ାକ୍ତର ଦେବେନ୍ଦ୍ର ନାଥ ମାନସିଂହଙ୍କ ଧର୍ମପତ୍ନୀ ସ୍ନେହଲତା ମାନସିଂହଙ୍କର ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇଯାଇଅଛି। ଅବସରପ୍ରାପ୍ତ ଜିଲ୍ଲାଜଜ ନାରାୟଣ ମହାପାତ୍ର ପୌରାହିତ୍ୟରେ ଅତିଥି ଭାବେ କୁହୁଡ଼ି ଜନତା ମହାବିଦ୍ୟାଳୟର ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ଅଧ୍ୟାପକ ବିଜୟ ରାଉତ, ସରକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର ନାୟକ, ନୟାଗଡ଼ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଃଶାସନ ସାହୁ, ଉକ୍ତ ବିଦ୍ୟାଳୟପ୍ରଧାନ ଶିକ୍ଷକ ନିରୋଦ ସାମନ୍ତରାୟ, ପରିଚାଳନା କମିଟିର ସଦସ୍ୟ ସଂଗ୍ରାମ କେଶରୀ ବାହୁବଳେନ୍ଦ୍ର , ରାଜିବ ପ୍ରଧାନ, ପ୍ରଶାନ୍ତ ପାଇକରାୟ, ପୁତ୍ର ଦେବାଶିଷ, ପୁତ୍ରବଧୂ ଉପାଲି ଅପରାଜିତା, କନ୍ୟା ମୋନାଲିସା, ସୋନାଲି ଓ ଲୋପାମୁଦ୍ରା ଓ ପରିବାରବର୍ଗ ଯୋଗଦାନ କରିଥିଲେ।

# ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବେଗୁନିଆ,୨୯।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ପଠାଣି କୁମାର ସାହୁଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବିଦ୍ୟାଳୟ ପୋଷ୍ୟ କପାଷୀ ବାଉରୀ ଶ୍ରୀଚନ୍ଦନ ମୁଖ୍ୟବକ୍ତା, ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ,ସରପଞ୍ଚ ଲତା ସେଠୀ,ପରିଚାଳନା କମିଟି ଅଧ୍ୟକ୍ଷ ଚନ୍ଦ୍ର ଶେଖର ସ୍ୱାଇଁ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଭୁବନାନନ୍ଦ ମହାନ୍ତି ଓ ଅଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ ୪ଟି ବର୍ଗର ୪୫ ଟି ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଶିକ୍ଷକ କ୍ଷିରୋଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଭାର ପ୍ରାରମ୍ଭରେ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ଅତସୀ କୁସୁମ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସମୀର ଚିନାରା ଓ ଶିକ୍ଷୟିତ୍ରୀ ସଙ୍ଗୀତା ପଣ୍ଡାଙ୍କ ସମେତ କର୍ମଚାରୀ ମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ୍ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା

# ଭାଗନେଲେ ୨୭୧ ସ୍କାଉଟ୍ସ ଓ ଗାଇଡ୍ସ



ଖୋର୍ଦ୍ଧା,୨୯।୧(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୧୦ ଜଣ ସ୍କାଉଟ୍ସ ଓ ୧୬୧ ଜଣ ଗାଇଡ୍ସ ଏପରିକି ୨୭୧ ଜଣ ସ୍କାଉଟ୍ସ ଗାଇଡ୍ସ ପରୀକ୍ଷାର୍ଥୀ ଭାଗ ନେଇଛନ୍ତି। ସେମାନଙ୍କ ସହିତ ଜିଲ୍ଲାର ୨୧ଟି ବିଦ୍ୟାଳୟରୁ ୩୫ ଜଣ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନଙ୍କ ସମେତ କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତା ପରୀକ୍ଷାର ସୁପରିଚାଳନା ଏବଂ ତତ୍ତ୍ୱାବଧାନ ପାଇଁ ମଧ୍ୟ ଯୋଗଦେଇଛନ୍ତି। ପରୀକ୍ଷା ଶିବିରକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଜ୍ଞା ପରମିତା ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କୁ ସ୍କାଉଟ ଓ ଗାଇଡ୍ ର ଲକ୍ଷ୍ୟ ଓ ମୂଲ୍ୟବୋଧ ଉପରେ ଉପଦେଶ ଦେଇଛନ୍ତି। ସର୍ବପ୍ରଥମେ ସ୍କାଉଟ ପତାକା ଉତ୍ତୋଳନ କରାଯାଇ ପରୀକ୍ଷା କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିବାର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାନଙ୍କର ଲଗବୁକ୍ ଓ ସ୍କାଉଟ୍ସ ଗାଇଡ୍ସ ମାନଙ୍କର ପୋଷାକ ପରିଧାନ ଯାଂଚ କରାଯିବା ସହିତ ଲିଖିତ ପରୀକ୍ଷା କରାଯାଇଛି। ରାଜ୍ୟ ସ୍କାଉଟ ସଂଗଠନ ତରଫରୁ ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷା ନିୟନ୍ତ୍ରକ ଭାବରେ ରାହୁଲ କୁମାର ସାହୁ, ଅଭିନାଶ ଗଡନାୟକ ଯୋଗଦେଇଥିବା ବେଳେ ସହଯୋଗ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ଉପଦେଷ୍ଟା ପୀତବାସ ପଟ୍ଟନାୟକ, ରମେଶ ବଳବନ୍ତରାୟ, ଦିବାକର ପଟ୍ଟନାୟକ, ଭୁବନାନନ୍ଦ ରାଉତ ପ୍ରମୁଖ ଏଥିରେ ସହଯୋଗ କରିଛନ୍ତି। ଶାରୀରିକ ଶିକ୍ଷା ନିରିକ୍ଷକ ଦିଲ୍ଲୀପ ମୋଦୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ରଥ, ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର, ଯୁଗ୍ମ ସମ୍ପାଦକ ପ୍ରକାଶ ପଲାଇ ପ୍ରମୁଖ ପରୀକ୍ଷା ଶିବିର ପରିଚାଳନରେ ସହଯୋଗ କରିଥିଲେ।

